ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
NS-EN ISO 9001:2008 The Only ISO Certified Odiya Newspaper
କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୧୬୦ ● ୭ ଜୁଲାଇ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-160 ● 7th July 2024, Sunday ● Bhubaneswar
Licensed to post without pre-payment of postage No- BN-60/22-24


# ଆଜି ଘୋଷଯାତ୍ରା

**ପୁରୀ, ୬।୭ : ନ୍ୟୁଜ୍ ବ୍ୟୁରୋ**

ରାତି ପାହିଲେ ରବିବାର ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିଲାଗି ରଥ, ପଥ ଓ ଭକ୍ତ ସଭିଏଁ ପ୍ରସ୍ତୁତ ଏବଂ ସମଗ୍ର ଶ୍ରୀକ୍ଷେତ୍ର ଚଳଞ୍ଚଳ ହୋଇଉଠିଛି। ଚଳିତ ବର୍ଷ ଓଡ଼ିଶା ସମେତ ଦେଶବିଦେଶରୁ ଅଗଣିତ ଶ୍ରଦ୍ଧାଳୁ ଘୋଷଯାତ୍ରାରେ ସାମିଲ ହେବାର ସମ୍ଭାବନା ରହିଥିବାରୁ ଭିଡ଼ ନିୟନ୍ତ୍ରଣ ଏବଂ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଘୋଷଯାତ୍ରା ସମ୍ପନ୍ନ ପାଇଁ ପୋଲିସ୍, ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ବର୍ଷ ଘୋଷଯାତ୍ରାରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ କେନ୍ଦ୍ରମନ୍ତ୍ରୀ, ବହୁ ବିଶିଷ୍ଟ ଅତିଥିଗଣ, ମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଗଣ, ସାଂସଦ, ବିଧାୟକ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ପ୍ରତ୍ୟକ୍ଷ ଭାବେ ସାମିଲ ହେଉଛନ୍ତି। ସେ ଦୃଷ୍ଟିରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।



ବିଧି ଅନୁସାରେ ରବିବାର ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ସହିତ ନବଯୌବନ ଓ ନେତ୍ରୋତ୍ସବ ନୀତି ଅନୁଷ୍ଠିତ ହେବ। ଗୋଟିଏ ଦିନରେ ଶ୍ରୀଗୁଣ୍ଡିଚା ଯାତ୍ରା ସହ ନବଯୌବନ ଓ ନେତ୍ରୋତ୍ସବ ପଡୁଥିବାରୁ ଭକ୍ତଙ୍କ ପାଇଁ ନବଯୌବନ ଦର୍ଶନ ବନ୍ଦ ରଖାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥଯାତ୍ରା ନେଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇସାରିଛି । ଶନିବାର ଶ୍ରୀମନ୍ଦିରରେ ସକାଳଧୂପ ଶେଷ ହେବାପରେ ରଥଖଳାକୁ ଆଜ୍ଞାମାଳ ବିଜେ ହୋଇଛି । ୩ ରଥର ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ରଥ ଆଜ୍ଞାମାଳ ବିଜେ ପରେ ଆରମ୍ଭ ହୋଇଥିଲା ରଥଟଣା । ତିନିରଥକୁ ରଥଖଳାରୁ ସିଂହଦ୍ୱାରକୁ ପୋଲିସ ଅଧିକାରୀ ଓ ଭକ୍ତମାନେ ଟାଣି ନେଇଥିଲେ। ପରମ୍ପରା ଅନୁଯାୟୀ ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଓ ଶେଷରେ ତାଳଧ୍ୱଜ ରଥ ଟଣାଯାଇ ସିଂହଦ୍ୱାରକୁ ଅଣାଯାଇଥିଲା । ୩ ରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିସାରି ଥିବା ବେଳେ ତିନିରଥ ସିଂହଦ୍ୱାରରେ ପହଞ୍ଚି ସାରିବା ପରେ ପବିତ୍ର ଘୋଷଯାତ୍ରାକୁ ସମସ୍ତ ଭକ୍ତଙ୍କ ଅପେକ୍ଷା। ସେପଟେ ଚଳିତ ବର୍ଷ ରଥଯାତ୍ରା ଦିନ ହିଁ ନବଯୌବନ ଓ ନେତ୍ରୋତ୍ସବ ପଡୁଥିବାରୁ ଭକ୍ତମାନେ ମହାପ୍ରଭୁଙ୍କର ନବଯୌବନ ଦର୍ଶନରୁ ବଞ୍ଚିତ ରହିବେ । ରଥଯାତ୍ରା ଦିନ ରଥ ଉପରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସହ ରଥଟାଣି ନିଜକୁ କୃତାର୍ଥ ମନେ କରିବେ। ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି।

ଘୋଷଯାତ୍ରା ପାଇଁ ନିର୍ଦ୍ଧାରିତ ନୀତିନିର୍ଘଣ୍ଟ ଅନୁସାରେ ରବିବାର ରାତ୍ର ୨.୦୦ ଟାରେ ମଙ୍ଗଳ ଆଳତି, ରାତ୍ର ୨ଟା ୧୦ରେ ମଇଲମ, ରାତ୍ର ୨ଟା ୩୦ରେ ଅବକାଶ, ୨ଟା ୪୦ରେ ଦଶଅବତାର ଠାକୁର ବାହୁଡ଼ା ବିଜେ, ୩ଟାରେ ତାଟି ଫିଟିବା, ୩ଟା ୩୦ରେ ଧୂଆଧୂଇ ହୋଇ ଚୂନ ପଡିବା, ୩ଟା ୪୫ରେ *(ପୃଷ୍ଠା ୭ରେ)*

# ସମାଜସେବା, ସାହିତ୍ୟ, ଶିକ୍ଷା ଓ ସାମ୍ବାଦିକତା କ୍ଷେତ୍ରରେ ଉତ୍କଳମଣିଙ୍କ ଅବଦାନ ଅବିସ୍ମରଣୀୟ : ରାଷ୍ଟ୍ରପତି

**ଭୁବନେଶ୍ୱର, ୬।୭**
**ନ୍ୟୁଜ୍ ବ୍ୟୁରୋ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଭୁବନେଶ୍ୱର ଜୟଦେବ ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ଯେ ଜଣେ ବ୍ୟକ୍ତି କେତେ ଦିନ ବଞ୍ଚିବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଗୁରୁତ୍ୱପୂର୍ଣ୍ଣ ହେଉଛି ସେ କେଉଁ ପ୍ରକାରର ଜୀବନ ଯାପନ କରନ୍ତି ଅର୍ଥାତ ଜଣେ ବ୍ୟକ୍ତିର ସମାଜ ଓ ଦେଶ ପ୍ରତି ଅବଦାନକୁ ଆଧାର କରି ତାଙ୍କର ଖ୍ୟାତିର ମୂଲ୍ୟାଙ୍କନ କରାଯାଏ। ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କ ସ୍ୱଳ୍ପ ଜୀବନକାଳ ମଧ୍ୟରେ କେତେ ଭଲ କାମ କରିଛନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି ବୋଲି ସେ କହିଛନ୍ତି । ସମାଜସେବା, ସାହିତ୍ୟ, ଶିକ୍ଷା ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ସେ କହିଥିଲେ।



ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ରାଷ୍ଟ୍ରପତି କହିଥିଲେ ଯେ ପଣ୍ଡିତ ଗୋପବନ୍ଧୁ ଦାସ ଭଲ ଭାବରେ ଜାଣିଥିଲେ ଯେ ଉପଯୁକ୍ତ ଶିକ୍ଷା ବିନା କୌଣସି ସମାଜ କିମ୍ବା ରାଷ୍ଟ୍ର ପ୍ରଗତି କରିପାରିବ ନାହିଁ । ସେଥିପାଇଁ ସେ ପୁରୀ ଜିଲ୍ଲାର ସତ୍ୟବାଦୀଠାରେ ମୁକ୍ତାକାଶ ସ୍କୁଲ ପ୍ରତିଷ୍ଠା କରିଥିଲେ। ଆରମ୍ଭରୁ ଛାତ୍ରଛାତ୍ରୀଙ୍କୁ ପ୍ରକୃତି ସହ ପରିଚିତ କରାଇବା ତାଙ୍କର ଆଭିମୁଖ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପଣ୍ଡିତ ଗୋପବନ୍ଧୁ ବନ ବିଦ୍ୟାଳୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ମତରେ ଶିକ୍ଷାର ଅର୍ଥ କେବଳ ପୁସ୍ତକ ଭିତ୍ତିକ ଜ୍ଞାନ ନୁହେଁ ବରଂ ଶିକ୍ଷାର ଅର୍ଥ ଛାତ୍ରଛାତ୍ରୀଙ୍କୁ ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ସ୍ତରରେ ବିକଶିତ କରିବା ଦରକାର।

ରାଷ୍ଟ୍ରପତି କହିଥିଲେ ଯେ ୧୯୧୯ ମସିହାରେ ପଣ୍ଡିତ ଗୋପବନ୍ଧୁ ଦାସ 'ସମାଜ' ଖବରକାଗଜର ପ୍ରକାଶନ ଆରମ୍ଭ କରିଥିଲେ। ଏହି ପ୍ରକାଶନ ମାଧ୍ୟମରେ ସେ ଓଡ଼ିଶାରେ ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରିଥିଲେ। ଏହି ଖବରକାଗଜ ଜରିଆରେ ସେ ଲୋକଙ୍କ ସମସ୍ୟା ମଧ୍ୟ ଉଠାଇଥିଲେ। ସମାଜ'ରେ ତାଙ୍କର ସମ୍ପାଦକୀୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି।

ରାଷ୍ଟ୍ରପତି କହିଥିଲେ ଯେ ପଣ୍ଡିତ ଗୋପବନ୍ଧୁ ଦାସ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ୯ରେ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଖୋଲିବା ତାରିଖ ଘୋଷଣା ହେବ: ଜଷ୍ଟିସ ବିଶ୍ୱନାଥ ରଥ

**ପୁରୀ, ୬।୭ : ନ୍ୟୁଜ୍ ବ୍ୟୁରୋ**

କେବେ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଖୋଲିବ ସେନେଇ ନିଷ୍ପତ୍ତି ଆଗାମୀ ୯ ତାରିଖରେ ନିଆଯିବ। ଶନିବାର ବୈଠକ ପରେ ଏହି ସୂଚନା ଦେଇଛନ୍ତି ରତ୍ନଭଣ୍ଡାର ଯାଞ୍ଚ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ



ରଥ। ସେ କହିଛନ୍ତି ଆଗାମୀ ୯ ତାରିଖରେ କମିଟିର ଦ୍ୱିତୀୟ ବୈଠକ ସକାଳ ୧୦ଟାରେ ହେବ। ଡୁପ୍ଲିକେଟ ଚାବି ଟ୍ରେଜେରୀରେ ରହିଛି । ଦୁଇ ଦଶନ୍ଧି ହେଲାଣି, ତାଲା ଖୋଲାଯାଇନାହିଁ । ଏଣୁ ଯଦି ଉକ୍ତ ଚାବିରେ ରତ୍ନଭଣ୍ଡାର ଖୋଲିବ ନାହିଁ, ତେବେ ତାଲା ଭଙ୍ଗାଯିବ । ଏନେଇ ଏସଓପି ଜାରି କରାଯିବ। *(ପୃଷ୍ଠା ୭ରେ)*










30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ଜୁଲାଇ ୨୦୨୪ ରବିବାର





# ଦେଶରେ ୪.୯% ଶିଶୁ-କିଶୋରଙ୍କ ରହିଛି କିଡ୍‌ନୀ ସମସ୍ୟା

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**



ଏକ ସର୍ଭେ ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରାୟ ୪.୯% ଶିଶୁ ଓ କିଶୋର କିଡ୍‌ନୀ ସମସ୍ୟାରେ ପୀଡ଼ିତ ଅଖିଳ ଭାରତୀୟ ଆୟୁବିଜ୍ଞାନ ପ୍ରତିଷ୍ଠାନ- ଭଟିଣ୍ଡା ଓ ବିଜୟପୁର ଏବଂ ଜର୍ଜଇନ୍‌ଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲ୍ଥ ଇଣ୍ଡିଆର ଗବେଷକଙ୍କ ଦ୍ୱାରା ୨୦୧୬ ରୁ ୨୦୧୮ ମଧ୍ୟରେ ୫ରୁ ୧୯ ବର୍ଷ ବୟସର ୨୪,୬୯୦ ଶିଶୁ ଓ କିଶୋରଙ୍କୁ ନେଇ ଏହି ନୂତନ ଅଧ୍ୟୟନ କରାଯାଇଥିଲା । ଯାହା ବ୍ୟାପକ ଜାତୀୟ ପୋଷଣ ସର୍ବେକ୍ଷଣ (ସିଏନ୍‌ଏନ୍‌ଏସ୍) ଉପରେ ଆଧାରିତ ଥିଲା । ଫଳାଫଳରୁ ଜଣାପଡିଛି ଯେ ୪.୯% (ପ୍ରତି ୧୦୦ରେ ପ୍ରାୟ ୫ଜଣ ବା ପ୍ରତି ହଜାରରେ ୪୯ ଜଣ) ଶିଶୁ ଓ କିଶୋର ଦୁରାରୋଗ୍ୟ କି ସମସ୍ୟାରେ ପୀଡ଼ିତ ବୟସ, ଗ୍ରାମୀଣ ବାସସ୍ଥାନ, ମାତାଙ୍କ ଶିକ୍ଷାର ଅଭାବ ଓ ପୁଷ୍ଟିହୀନତା ଏହାର ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ। ଶିଶୁ ସ୍ୱାସ୍ଥ୍ୟ ଫଳାଫଳରେ ଉନ୍ନତି ଆଣିବା ପାଇଁ ଏସବୁ ବିଷୟର ସମାଧାନ କରିବା ଜରୁରୀ ବୋଲି ଜର୍ଜ ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ବିବେକାନନ୍ଦ ଝା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି । ଏହି କିଡ୍‌ନୀ ସମସ୍ୟା ବିଶେଷ କରି ପୁଅ ପିଲାଙ୍କ ଠାରେ ଓ ଗ୍ରାମାଞ୍ଚଳରେ ଅଧିକ ଦେଖିବାକୁ ମିଳିଥିଲା । ସେହିପରି ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ତାମିଲନାଡୁ, ଛତିଶଗଡ଼, ରାଜସ୍ଥାନ ଓ କେରଳରେ ଏହା ସର୍ବନିମ୍ନ ରହିଛି । ବିବେକାନନ୍ଦ ଝା ଉଲ୍ଲେଖ କରିଛନ୍ତି ଯେ ଏହି ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ନୀତି ଆବଶ୍ୟକ । ଜାତୀୟ ସ୍ୱାସ୍ଥ୍ୟରେ ଶିଶୁ କିଡ୍‌ନୀ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାର ସମୟ ଆସିଛି ବୋଲି ପ୍ରଫେସର ଝା କହିଛନ୍ତି ।

# ଜିପିଏଫ ଋଣ ଟଙ୍କା ଚଳୁ:ପୂର୍ବତନ ଫାର୍ମ ଅଧୀକ୍ଷକ ଏବଂ ବରିଷ୍ଠ କିରାଣିଙ୍କୁ ୪ ବର୍ଷ ସଜା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପାଲଜହର ଫାର୍ମର ୧୪ ଜଣ କର୍ମଚାରୀ ଜିପିଏଫ ଋଣ ହେରଫେର ମାମଲାରେ ଦୁଇ ଜଣଙ୍କୁ ଜେଲ୍‌ଦଣ୍ଡ ମିଳିଛି । ଫାର୍ମର ପୂର୍ବତନ ଅଧୀକ୍ଷକ ନରେନ୍ଦ୍ର କୁମାର ଦଳେଇ ଏବଂ ବରିଷ୍ଠ କିରାଣି ସୁଧିର କୁମାର ରାଉତଙ୍କୁ ୪ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଜେଲ୍‌ଦଣ୍ଡ ଜରିମାନା ନିର୍ଦ୍ଦେଶ ଦିଆଯାଇଛି । ଜରିମାନା ଅନାଦେୟ ହେଲେ ୬ ମାସରୁ ଅଧିକ ସଜା ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି ଫୁଲବାଣୀ ଭିଜିଲାନ୍ସ କୋର୍ଟ । ଏହି ରାୟ ପରେ ନରେନ୍ଦ୍ର କୁମାର ଏବଂ ସୁଧର କୁମାର ରାଉତଙ୍କୁ ଜେଲ୍ ଯିବାକୁ ପଡ଼ିଛି । ନରେନ୍ଦ୍ର ଚାକିରିରୁ ଅବସର ନେଇଯାଇଥିବା ବେଳେ ବରିଷ୍ଠ କିରାଣି ସୁଧର କୁମାର ବୌଦ୍ଧ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ (ସିଡିଏଓ) ଅଫିସରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଛନ୍ତି । ଏହି ରାୟ ପରେ ତାଙ୍କୁ ଚାକିରିରୁ ବିଦା କରିବା ପାଇଁ ଭିଜିଲାନ୍ସ ବିଭାଗ କମିଟାଣ୍ଟ ଅଥରିଟିଙ୍କୁ ଚିଠି ଲେଖିଛି । ଉଭୟ ବୌଦ୍ଧ ପାଲଜହର ଫାର୍ମରେ ଥିବା ସମୟରେ ସେଠାରେ କାମ କରୁଥିବା ୧୪ ଜଣ କର୍ମଚାରୀଙ୍କ ଜିପିଏଫ ଋଣକୁ ହରିଲୁଟ୍ କରିଥିଲେ । ଏପରିକି ସରକାରୀ ରେକର୍ଡଗୁଡ଼ିକୁ ଜାଲିଆତି କରି ୨୦୦୧ ମସିହାରୁ ୨୦୦୩ ମସିହା ପର୍ଯ୍ୟନ୍ତ ଏହି ଅର୍ଥ ହଡ଼ପ୍ କରିଥିଲେ । ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବାପରେ ଏହାର ସତ୍ୟାସତ୍ୟ ଜଣାପଡ଼ିଥିଲା । ଭିଜିଲାନ୍ସ ଏନେଇ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିଥିଲା । ଉଭୟ ଜାମିନ୍‌ରେ ଆସିବା ପରେ ଚାକିରି କରିଥିଲେ କିନ୍ତୁ ଏହି ରାୟ ପରେ ଦଣ୍ଡ ଭୋଗିବାକୁ ଦୁଇ ଜଣଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି ।

# ଡ୍ରାଇଭିଂ ଟ୍ରେନିଂକୁ ଦାୟିତ୍ୱ ଦେବାପରେ:ବିନା ଟ୍ରେନିଂରେ ଡ୍ରାଇଭିଂ ପ୍ରମାଣପତ୍ର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ବିଭିନ୍ନ ଡ୍ରାଇଭିଂ ଟ୍ରେନିଂ ସ୍କୁଲରେ ବିନା ଟ୍ରେନିଂରେ ଜାଲିଆତି କରି ଡ୍ରାଇଭିଂ ତାଲିମ ପ୍ରଦାନ କରୁଛନ୍ତି । ଏଥିସହିତ ଡ୍ରାଇଭିଂ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରୁଛନ୍ତି । ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି । ଅଭିଯୋଗ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଭୂପୃଷ୍ଠ ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ରାଜ୍ୟରେ ଡ୍ରାଇଭିଂ ଟ୍ରେନିଂ ସ୍କୁଲ୍ ସ୍ଥାପନା ସମ୍ପର୍କରେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ରୀୟ ମଟରଯାନ ଆଇନ୍‌ରେ ମଧ୍ୟ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ସ୍ଥାପନା ପାଇଁ ବିଭିନ୍ନ ପ୍ରକାର ଭିତ୍ତିଭୂମି ଓ ଆନୁସଙ୍ଗିକ ସୁବିଧା ସୁଯୋଗର ବ୍ୟବସ୍ଥା କରାଯିବା କଥା ଉଲ୍ଲେଖ କରାଯାଇଛି । ମାତ୍ର ସମଗ୍ର ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ଡ୍ରାଇଭିଂ ଟ୍ରେନିଂ ସ୍କୁଲଗୁଡ଼ିକ ବିନା ଡ୍ରାଇଭିଂ ଟ୍ରେନିଂରେ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି । ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଦିଆଯାଇଥିଲେ ମଧ୍ୟ ତାକୁ ଆଞ୍ଚଳିକ ପରିବହନ ଅଧିକାରୀମାନେ ବ୍ୟତିକ୍ରମ କରି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରୁଛନ୍ତି । ଥରେ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପାଇଁ ସଂସ୍ଥା ରେଜିଷ୍ଟ୍ରିଭୁକ୍ତ ହେଲାପରେ ତା'ର ଭିତ୍ତିଭୂମି ଓ କାର୍ଯ୍ୟାଳୟ ସମ୍ପର୍କରେ କୌଣସି ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ଯାଞ୍ଚ କରାଯାଉନାହିଁ । ଏହି ଜାଲ୍ ପ୍ରମାଣପତ୍ର ପ୍ରଦାନ କରିବାରେ ରାଜ୍ୟରେ ଏକ ରାକେଟ୍ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହିତ ମିଶି ବିନା ଟ୍ରେନିଂରେ ଲାଇସେନ୍ସ ପ୍ରଦାନ କରୁଛନ୍ତି । ତୁରନ୍ତ ବିଭିନ୍ନ ଯାନ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିଭୂମିକୁ ଯାଞ୍ଚକରି ତୁରନ୍ତ ସେମାନଙ୍କୁ କଳା ତାଲିକା ଭୁକ୍ତ କରାଯିବା ସଙ୍ଗେ ସଙ୍ଗେ ଯେଉଁ ଆଞ୍ଚଳିକ ପରିବହନ ଅଧିକାରୀମାନେ ବିନା ଯାଞ୍ଚରେ ପ୍ରମାଣପତ୍ରକୁ ଗ୍ରହଣ କରି ଲାଇସେନ୍ସ ପ୍ରଦାନ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ବିଭାଗୀୟ ତଦନ୍ତ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି ।

# ପୋକ୍ସୋ ମାମଲା:୧୫ରେ କୋର୍ଟରେ ହାଜର ହେବେ ୟେଦ୍ୟୁରପ୍ପା

**ବେଙ୍ଗାଲୁରୁ, ନ୍ୟୁଜ୍ ବ୍ୟୁରୋ**

କର୍ଣ୍ଣାଟକର ବରିଷ୍ଠ ବିଜେପି ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ ୟେଦ୍ୟୁରପ୍ପାଙ୍କୁ ପୋକ୍ସୋ (ନାବାଳକ/ନାବାଳିକାଙ୍କୁ ଯୌନ ଉପୀଡ଼ନରୁ ସୁରକ୍ଷା) ମାମଲାରେ ଆସନ୍ତା ୧୫ରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ବେଙ୍ଗାଲୁରୁର ଫାଷ୍ଟ ଟ୍ରାକ୍ ସ୍ପେଶିଆଲ କୋର୍ଟ-୧ ସମନ ଜାରି କରିଛନ୍ତି ଏହି କୋର୍ଟରେ ସିଆଇଡି ଜୁନ୍ ୨୭ରେ ୟେଦ୍ୟୁରପ୍ପାଙ୍କ ବିରୋଧରେ ୭୫୦ ପୃଷ୍ଠାର ଆରୋପ ପତ୍ର (ଚାର୍ଜସିଟ୍) ଦାଖଲ କରିଛି । ଜୁଲାଇ ୧୫ରେ ଚାର୍ଜ ଫ୍ରେମ ହେବା ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ଚାର୍ଜସିଟ୍‌ରେ ଅଭିଯୋଗ ଅଛି ଯେ ଗତ ଫେବୃଆରୀ ୨ ତାରିଖରେ ୟେଦ୍ୟୁରପ୍ପା ଜଣେ ୧୭ ବର୍ଷୀୟା ବାଳିକାକୁ ଯୌନ ଉପୀଡ଼ନ ଦେଇଥିଲେ । ପରେ ପୀଡ଼ିତା ନାବାଳିକା ଓ ତାଙ୍କ ମା'ଙ୍କୁ ୨ ଲକ୍ଷ ଟଙ୍କା ଦେଇ ଚୁପ୍ କରାଇଦେବାକୁ ଏବଂ ଫେସ୍‌ବୁକ୍ ଆକାଉଣ୍ଟରେ ଓ ଆଇଫୋନ୍‌ରେ ଥିବା ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ । ସିଆଇଡି ତା'ର ଚାର୍ଜସିଟ୍‌ରେ ୟେଦ୍ୟୁରପ୍ପା ଓ ଅନ୍ୟ ତିନି ଜଣ ଅରୁଣ, ରୁଦ୍ରେଶ ଓ ମାରିସ୍ୱାମୀଙ୍କୁ ଅଭିଯୁକ୍ତ ଦର୍ଶାଇଛି ।



# ସରକାରୀ ଯୋଜନାର ସମୀକ୍ଷା କଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ବ୍ଲକର କୁନ୍ଦେଇ ପଞ୍ଚାୟତର କଲ୍ୟାଣୀ ମଣ୍ଡପ ଠାରେ ବିଦ୍ୟାଳୟ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ତଥା ଅନୁସୂଚିତ ଜାତି ଓ ଜନଜାତି ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା ତଥା ଜନ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏ ଅବସରରେ ହାଟଭରଣ୍ଡି ଶିବ ମନ୍ଦିର ଠାରୁ ଏକ ରୋଡ ସୋରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଯୋଗଦେଇ କଲ୍ୟାଣୀ ମଣ୍ଡପ ଠାରେ ପହଞ୍ଚିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ସହିତ ରମେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର, ଶିବନାଥ ବାନାର୍ଜୀ, ଶିବ ଗଣ୍ଡ, ସରୋଜ ଜେନା, ବିଶ୍ୱନାଥ ସିଲ, ପ୍ରୀତିସ୍ନିଗ୍ଧା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରିବା ସହିତ ସମାଧାନ ନିମନ୍ତେ ପ୍ରତିଶୃତି ଦେଇଥିଲେ । ମୁଖ୍ୟଅତିଥି ଭାବେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଗୁପ୍ତପ୍ରସଦ ଝାଙ୍କର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲିପିକା ବାରୋଇ, ୧ ନମ୍ବର ଜୋନ୍‌ର ଜିଲ୍ଲାପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, କୁନ୍ଦେଇ ସମିତି ସଭ୍ୟା ଦେଓ କୁମାରି ଗଣ୍ଡ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଡିଓ ଲକ୍ଷ୍ମୀସାଗର ମାଝୀ, ସ୍ଥାନୀୟ ତହସିଲଦାର ରୀତୁ ସିଂ, ଏଇଇ ସିଦ୍ଧାର୍ଥ ଶଙ୍କର ରଣା, କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ ସେଠୀ, ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ ତାର ଲାଗି ସେଣ୍ଟରିଙ୍ଗ ମିସ୍ତ୍ରୀଙ୍କ ମୃତ୍ୟୁ:କ୍ଷତିପୂରଣ ଦାବିରେ ଶବ ରଖି ରାଜ୍ୟ ରାଜପଥ ଅବରୋଧ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକଙ୍କର ଗଲା ଜୀବନ । କ୍ଷତି ପୂରଣ ଦାବିରେ ୫୩ ନମ୍ବର ରାଜ୍ୟ ରାଜପଥ ଅବରୋଧ କଲେ ଗ୍ରାମବାସୀ । ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଫକୀରପୁର ଗାଁର ୮ ନମ୍ବର ୱାର୍ଡର ଲକ୍ଷ୍ମୀବଜାର ସାହିର ଅଲେଖ ରଣାଙ୍କ ୪ ପୁଅଙ୍କ ମଧ୍ୟରେ ସଭା ସାନ ପୁଅ ହୋଇଥିବା ବେଳେ ଛାତ ପାଇଁ ସେଣ୍ଟରିଙ୍ଗ ମାପଚୁପ କରିବା ସମୟରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେଣ୍ଟରିଙ୍ଗ ମିସ୍ତ୍ରୀ ରାଜେଶ ରଣାଙ୍କର ମୃତ୍ୟୁ ଘଟିଛି । ଯାହାକୁ ନେଇ କ୍ଷତି ପୂରଣ କରିବା ଦାବିରେ ମୃତ ଦେହ ରଖି ୫୩ ରାଜ୍ୟ ରାଜପଥ ଫକୀରପୁର ମେଡିକାଲ ନିକଟରେ ରାସ୍ତା ରୋକ୍ କରିଛନ୍ତି ପରିବାର ଲୋକେ ଓ ଗ୍ରାମବାସୀ । ଫଳରେ ତିନି ଘଣ୍ଟା ଧରି ଆନନ୍ଦପୁର ଭଦ୍ରକ ରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଥିବାବେଳେ ପ୍ରଶାସନ ଏବଂ ଆନନ୍ଦପୁର ବିଧାୟକଙ୍କ କ୍ଷତି ପୂରଣ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା । ପରେ ଗ୍ରାମବାସୀ ମୃତ ଚନ୍ଦନକୁ ବିଧି ଅନୁଯାଇ ଅନ୍ତିମ ସଂସ୍କାର କରିଥିଲେ ।

# ବିକାଶ କାର୍ଯ୍ୟର ସମୀକ୍ଷା କଲେ କେନ୍ଦ୍ରାପଡ଼ା ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୁକ୍ରବାର କୃଷି ବିଭାଗ ପରିସରରେ ବୃକ୍ଷରୋପଣ କରିବା ସହ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଶ୍ରୀ ବିକାଶଙ୍କୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ଼ଃ ମନୋଜ କୁମାର ଚାନ୍ଦ, କୃଷି ପ୍ରତି ଆଗ୍ରହ ଓ ସହାୟତା ପାଇଁ ସମ୍ବର୍ଦ୍ଧିତ କରିଥିଲେ । ଫସଲ ବିବିଧ କରଣରେ ପାରଦର୍ଶିତା ଲାଭ କରିଥିବା କୃଷକ ଭାଇଙ୍କୁ ଏହି ସମୀକ୍ଷା ବୈଠକରେ ସମ୍ମାନିତ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାପାଳ ସମୀକ୍ଷା କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାର ନୋଡାଲ ଅଫିସର ମୁକ୍ତିକାନ୍ତ ପାତ୍ର ସମୀକ୍ଷା କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ (ଫସଲ ସଂରକ୍ଷଣର) ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିବାରୁ ଜିଲ୍ଲାପାଳ ଶ୍ରୀ ଚାନ୍ଦଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥିଲେ । (ମୁଖ୍ୟଯନ୍ତ୍ରୀ କୃଷି)ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ନିର୍ବାହୀ ଯନ୍ତ୍ରୀ ଦେବବ୍ରତ ଶତପଥୀ ଜିଲ୍ଲା ପାଇଁ କୃଷିର ଉନ୍ନତି ଦିଗରେ ପଦକ୍ଷେପ ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲାର ବିଭିନ୍ନ କୃଷି ସମ୍ବନ୍ଧୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଉଦ୍ୟାନ କୃଷି ବିଭାଗ ସହାୟକ ନିର୍ଦ୍ଦେଶକ ଦେବଦାସ ଦତ, ମୃତ୍ତିକା ସଂରକ୍ଷଣ ସହାୟକ ନିର୍ଦ୍ଦେଶକ ଅଜୟ କୁମାର ସାମଲ, ଶାନ୍ତି ମୈତ୍ରୀର ସମ୍ପାଦକ ଭଗବାନ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଦେବବ୍ରତ ଶତପଥୀ ପ୍ରମୁଖଙ୍କ ସହ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ନନ୍ଦନକାନନରୁ ଚନ୍ଦକା ଗଲେ ୬ କୁଟୁରା



**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଶୁକ୍ରବାର ୬ଟି କୁଟୁରା ହରିଣ ଚନ୍ଦକା ବନ୍ୟଜନ୍ତୁ ଅଭୟାରଣ୍ୟରେ ଛଡ଼ାଯାଇଛି । ଓଡ଼ିଶା ମୁଖ୍ୟ ବନ ସଂରକ୍ଷକଙ୍କ ଅନୁମୋଦନକ୍ରମେ ନନ୍ଦନକାନନରେ କୁଟୁରା ସଂଖ୍ୟା ହ୍ରାସ କରାଯାଉଛି । କାର୍ଯ୍ୟକ୍ରମ ଅନୁଯାୟୀ ନନ୍ଦନକାନନରୁ ୨୫ଟି କୁଟୁରା ଚନ୍ଦକା ଅଭୟାରଣ୍ୟରେ ଛଡ଼ାଯିବା ପାଇଁ ନିର୍ଦ୍ଦେଶ ରହିଛି । ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ୨ଟି ଅଣ୍ଡିରା, ୪ଟି ମାଈ କୁଟୁରା ଛଡ଼ାଯାଇଛି । ପର୍ଯ୍ୟାୟକ୍ରମେ ବାକି ୧୯ଟି କୁଟୁରା ଛଡ଼ାଯିବ । ନନ୍ଦନକାନନରେ ଏବେ ଆଉ ୬୮ଟି କୁଟୁରା ହରିଣ ରହିଥିବା ନେଇ ଉପନିର୍ଦ୍ଦେଶକ ପ୍ରକାଶ କରିଛନ୍ତି ।

# ନଗର ଉନ୍ନୟନ ମନ୍ତ୍ରୀ ସବୁ ଉନ୍ନୟନ ପ୍ରାଧିକରଣର ଅଧକ୍ଷ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର, କଟକ ସମେତ ଅନ୍ୟ ୭ଟି ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷଙ୍କୁ ସରକାର ହଟାଇ ଦେବା ସହ ସେହି ସ୍ଥାନରେ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅଧକ୍ଷ ଭାବେ ଅବସ୍ଥାପିତ କରିଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ), କଟକ ଉନ୍ନୟନ ପ୍ରାଧିକରଣ (ସିଡିଏ) ବ୍ରହ୍ମପୁର ଉନ୍ନୟନ ପ୍ରାଧାକରଣ, ସମ୍ବଲପୁର ଉନ୍ନୟନ ପ୍ରାଧାକରଣ, ରାଉରକେଲା ଉନ୍ନୟନ ପ୍ରାଧିକରଣ, ପୁରୀ-କୋଣାର୍କ ଉନ୍ନୟନ ପ୍ରାଧିକରଣ, ପାରାଦୀପ ଉନ୍ନୟନ ପ୍ରାଧିକରଣ, କଳିଙ୍ଗନଗର ଉନ୍ନୟନ ପ୍ରାଧିକରଣ ଓ ତାଳଚେର-ଅନୁଗୁଳ ମେରାମୁଣ୍ଡଳୀ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନଗର ଉନ୍ନୟନ ମନ୍ତ୍ରୀ କାର୍ଯ୍ୟ କରିବେ ।

# ରାଷ୍ଟ୍ରପତିଙ୍କ ପାଇଁ ସଜେଇ ହେଉଛି ଖଣ୍ଡଗିରି-ଉଦୟଗିରି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଗସ୍ତରେ ଆସୁଥିବା ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ୮ ତାରିଖ ସାଢ଼େ ୧୧ଟା ବେଳେ ଖଣ୍ଡଗିରି-ଉଦୟଗିରି ପରିଦର୍ଶନ କରିବେ । ଏଥିପାଇଁ ଉଦୟଗିରି ଓ ଖଣ୍ଡଗିରିରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ବିଏମ୍‌ସି ପକ୍ଷରୁ ପରିମଳ ଓ ଜବରଦଖଲ ଉଚ୍ଛେଦ କରାଯାଇଛି । ବର୍ଷା ଦିନ ଯୋଗୁ ପଥରରେ ଶିଉଳି ଲାଗିଥିବାରୁ ବ୍ରିଟିଙ୍ଗ୍ ପୋଲିସର କାର୍‌କେଡ୍ ଅଭ୍ୟାସ ଓ କେମିକାଲ୍‌ରେ ସଫା କରାଯାଉଛି । ଖଣ୍ଡଗିରିରେ ବିଭୁତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ (ବିକେ ଆର୍ଟ କଲେଜ୍)ର ୨୨ ଜଣ ଛାତ୍ରଛାତ୍ରୀ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୪୦ଜଣ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତି ଭେଟିବା ଯୋଜନା ରହିଛି । ଏ ନେଇ ବିକେ ଆର୍ଟ କଲେଜ୍‌ର ଅଧ୍ୟକ୍ଷ ସୁବ୍ରତ ମଲ୍ଲିକ କହିଛନ୍ତି ଯେ, ରାଷ୍ଟ୍ରପତି ତାଙ୍କ ଛାତ୍ର ଜୀବନ ତପୋବନ ସରକାରୀ ବିଦ୍ୟାଳୟରେ କାଟିଥିବାରୁ ତାଙ୍କର ବିକେ ଆର୍ଟ କଲେଜ୍ ଛାତ୍ରଛାତ୍ରୀଙ୍କ ସହିତ ଏକ ସ୍ୱତନ୍ତ୍ର ସମ୍ପର୍କ ରହିଛି । ଏଣୁ ଆମ ପାଇଁ ଏହା ଏକ ଗର୍ବର ବିଷୟ । ତାଙ୍କୁ ଭେଟିବା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧାପକଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ପତ୍ର ତିଆରି ହୋଇଛି । ବିଏମ୍‌ସି ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି ହୋଇଛି । ପାହାଡ଼କୁ ଯିବା ରାସ୍ତାର ଉଭୟ ପାଖରେ ଭାଙ୍ଗିଯାଇଥିବା ସିମେଣ୍ଟ ଚୌକି, ଫୁଲ କୁଣ୍ଡ ଆଦିକୁ ବଦଳା ଯାଇଛି । ସଫେଇ କାର୍ଯ୍ୟକୁ ତଦାରଖ କରିବା ପାଇଁ ବିଏମ୍‌ସି ପକ୍ଷରୁ ଜଣେ ସହକାରୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବରେ ନିୟୋଜିତ କରାଯାଇଛି । ୩ଟି ସଫେଇ ସଂସ୍ଥାକୁ ଯାନ୍ତ୍ରିକ ଓ ହାତରେ ସଫେଇ ଦାୟିତ୍ୱ ଦିଆଯାଇଛି । ଗତ ୨ ଦିନ ହେଲା ରାସ୍ତାର ଉଭୟପାର୍ଶ୍ୱର ଜବରଦଖଲ ହଟାଯାଇଛି । ତା' ସହିତ ଷଣ୍ଢ ଓ କୁକୁର କିଭଳି ରାସ୍ତାକୁ ନଆସିବେ ସେଥିପାଇଁ ବ୍ୟବସ୍ଥା ହୋଇଛି । ରିହର୍ସାଲ୍



ସେହିଭଳି କମିସନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଶୁକ୍ରବାର ୪ ସ୍ଥାନରେ ଥିବା କାର୍ଯ୍ୟକ୍ରମ ପାଇଁ କାର୍‌କେଡ୍ ରିହର୍ସାଲ୍ କରାଯାଇଛି । ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ୬ ଜଣ ଅତିରିକ୍ତ ଡିସିପି, ୧୫ ଜଣ ଏସିପି, ୨୫ ଜଣ ଇନ୍‌ସପେକ୍ଟର, ୧୦୦ ଜଣ ଅଫିସର, ୪ଟି ପେଶାଲ ଟାକଟିକାଲ ଟିମ୍ ସହ ବମ୍ ସ୍କାର୍ଡ ଓ ଡ଼ି ନିୟୋଜିତ ହେବେ । ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ରାଷ୍ଟ୍ରପତି ଯିବାକୁ ଥିବା ପ୍ରତ୍ୟେକ ଅଞ୍ଚଳକୁ ନୋ ଫ୍ଲାଇଙ୍ଗ ଜୋନ୍ ଘୋଷଣା କରାଯାଇଛି । ଗସ୍ତ ରାସ୍ତାକୁ ସିଲ୍ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ରୁପ୍ ଟପ୍ ସାର୍ପ ସୁଟରଙ୍କୁ ସଜାଗ ରହିବାକୁ କୁହାଯାଇଛି । ପୁରୀ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପୋଲିସ ଡିଜି ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ଓ ରଥଯାତ୍ରାର ମନିଟରିଂ କରୁଛନ୍ତି । ଭୁବନେଶ୍ୱରରେ ଡିସିପି ପ୍ରତୀକ ସିଂହ ଦାୟିତ୍ୱରେ ଥିବାବେଳେ ପୋଲିସ କମିସନର ସଞ୍ଜୀବ ପଣ୍ଡା ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିଛନ୍ତି । ସୂଚନାଯୋଗ୍ୟ, ବାୟୁସେନା ବିମାନ ଯୋଗେ ଜୁଲାଇ ୬ ତାରିଖରେ ଭୁବନେଶ୍ୱରରରେ ପହଞ୍ଚି ରାଜଭବନ ଥିଲେ । ପରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିଲେ । ରାଜଭବନରେ ରାତ୍ରୀ ରହଣୀ ପରେ ୭ ତାରିଖରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସମଙ୍ଗ ହେଲିପ୍ୟାଡରେ ପହଞ୍ଚିବା ପରେ ପ୍ରଥମେ ରାଜଭବନ ଓ ରଥଯାତ୍ରାରେ ଯୋଗଦେବେ । ୮ ତାରିଖରେ ପୁରୀରୁ ଫେରି ଖଣ୍ଡଗିରି-ଉଦୟଗିରି ପରିଦର୍ଶନ କରିବେ । ସେହିଦିନ ମେଣ୍ଢାଶାଳା ହରିତାମାତା ଗ୍ରାମରେ ବ୍ରହ୍ମକୁମାରୀ ରିଟ୍ରିଟ୍ କେନ୍ଦ୍ର ଉଦଘାଟନ କରିବେ । ୯ ତାରିଖରେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଯୋଗଦେବେ ।

# ଦେବାଶୀଷ ସିଂହ ପୌର ନିର୍ଦ୍ଦେଶକ ହେଲେ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ଶାରଦା ପଣ୍ଡା ଓ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇଛି । ଏହି ଦୁଇ ଅଧିକାରୀଙ୍କ ଅବସର ପରେ ରାଜ୍ୟ ସରକାର ସେମାନଙ୍କ ଦାୟିତ୍ୱ ସମ୍ପ୍ରସାରଣ କରିଥିଲେ । ସାରଦାଙ୍କ ସ୍ଥାନରେ ରବୀନ୍ଦ୍ର କୁମାର ସାହୁ ସୁଡ଼ା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି । ସେହିପରି ସଂଗ୍ରାମଜିତଙ୍କ ସ୍ଥାନରେ ଦେବାଶିଷ ସିଂହଙ୍କୁ ପୌର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି ।

# ଦୁଷ୍କର୍ମ କରିଥିବା ଅଗ୍ନିଶମ କର୍ମଚାରୀଙ୍କୁ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଇନ୍‌ଷ୍ଟାଗ୍ରାମରେ ବନ୍ଧୁତା ଜଣେ ଯୁବତୀଙ୍କ ପାଇଁ କାଳ ହୋଇଛି । ଯୁବତୀଙ୍କୁ ବ୍ଲାକ୍‌ମେଲିଂ କରିବା ସହ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୋଲିସ ଅଗ୍ନିଶମ କର୍ମଚାରୀ ଜିତୁ ରଞ୍ଜନ ଦାସଙ୍କୁ ଗିରଫ କରିଛି । ଗିରଫ ଜିତୁଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିସ ଥାନା ଲକ୍ଷ୍ମୀନାରାୟଣପୁରରେ ବୋଲି ଜଣାପଡ଼ିଛି । ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପାହାଲ ଥାନା ପୋଲିସ ଅଗ୍ନିଶମ ଡିଜିଙ୍କୁ ଚିଠି ଲେଖି ଜଣାଇଛି । ସୂଚନାଯୋଗ୍ୟ ଯେ, ଯୁବତୀ ଜଣଙ୍କ ଗତ ଦେଢ଼ ବର୍ଷ ହେବ ଭୁବନେଶ୍ୱରର ଏକ ବେସରକାରୀ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ କରୁଛନ୍ତି । ଗତ କିଛିଦିନ ତଳେ ଇନ୍‌ଷ୍ଟାଗ୍ରାମ ଜରିଆରେ ତାଙ୍କର ନିମ୍ନୋକ୍ତ ଅଭିଯୁକ୍ତଙ୍କ ସହିତ ବନ୍ଧୁତା ହୋଇଥିଲା । ପରେ ଉଭୟ ଫୋନ୍ ମାଧ୍ୟମରେ ପରସ୍ପର ସହିତ ଯୋଗାଯୋଗରେ ଥିଲେ । ଗତ ଜୁନ୍ ୧୫ ତାରିଖ ବିଳମ୍ବିତ ରାତିରେ ସେ ଡ୍ୟୁଟିରେ ଥିବାବେଳେ ଜିତୁ ତାଙ୍କ ପାଖକୁ ଆସି ତାଙ୍କ ମୋବାଇଲ୍ ଫୋନ୍‌କୁ ଛଡ଼ାଇ ନେଇଯାଇଥିଲେ । ସେହିଦିନ ୧୦ଟା ବେଳେ ପୁନର୍ବାର ତାଙ୍କ ପାଖକୁ ଯାଇ ଫୋନ୍ ନେବା ଲାଗି ସାଙ୍ଗରେ ଯିବା ପାଇଁ କହିଥିଲେ । ଯୁବତୀ ଜଣଙ୍କ ଯିବା ଲାଗି ରାଜି ନହେବାରୁ, ଜୋର୍‌ଜବରଦସ୍ତ ତାଙ୍କୁ ଆଣିଥିବା କାର୍‌ରେ ବସାଇ ପାହାଲ ଠାରେ ଥିବା ଭଡ଼ାଘରକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ବେଡ଼ ରୁମ୍‌କୁ ନେଇ ଦୁଷ୍କର୍ମ କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲାର ତଦନ୍ତ କରିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଜିତୁ ନାଁରେ ପୂର୍ବରୁ ମଧ୍ୟ କଟକର ବିଭିନ୍ନ ଥାନାରେ ଦୁଇଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର



**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୭।୭।୨୦୨୪, ଆଷାଢ ଦି୨୩ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୧୩।୨୯** **ଚନ୍ଦ୍ରୋଦୟ- ପ୍ରାଘ୬।୧୨।୧୨**

**ଦ୍ୱିତୀୟା**- ନିଘ ୪।୫୯ ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର ଓ କର୍କଟ ଚନ୍ଦ୍ର**- ଅହୋରାତ୍ର ଚନ୍ଦ୍ର । **ଚନ୍ଦ୍ରଶୁଦ୍ଧି**- ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର**- ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ**- ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ**- ବୋଇତି କଖାରୁ ନିଘ ୪।୫୯ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା**- ଦିଘ ୭।୦୨ ଗତେ ଘ ୯।୦୪ ମଧ୍ୟେ । ଦିଘ ୧।୩୦ ଗତେ ଘ ୨।୫୫ ମଧ୍ୟେ । **ପର୍ବୋତ୍ସବ**- ଶ୍ରୀଗୁଣ୍ଡିଚା, ଶ୍ରୀମନ୍ଦିରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ରଥଯାତ୍ରା ।



**ମେଷ:** ଧନ ପ୍ରାପ୍ତିର ସମ୍ଭାବନା ରହୁଅଛି । କର୍ମକ୍ଷେତ୍ରରେ ଉପଯୁକ୍ତ ସ୍ଥାନରେ ସ୍ଥାନିତ ହେବେ । ଶତ୍ରୁ ପରାଜିତ ହେବେ । ଆନନ୍ଦ ମିଳିବ । ମାତ୍ର ବନ୍ଧୁ ମତାନ୍ତରର ଆଶଂକା ରହୁଅଛି । ପ୍ରତି କ୍ଷେତ୍ରରେ ଅନୁକୂଳ ବାତାବରଣ ଆସିବ ।



**ବୃଷ:** ସୁଖ ଲାଭ କରିବେ । ନିଜର ସାମର୍ଥ୍ୟର ପ୍ରମାଣ ଦେଇପାରିବେ । ଅର୍ଥଲାଭର ଆଶା ଉଜ୍ଜ୍ୱଳ । ନୂତନ ବସ୍ତ୍ର ବା ଯାନବାହାନ ଲାଭର ଯୋଗ ରହୁଛି । ସରକାରୀ ସ୍ତରରୁ ଅର୍ଥ ପ୍ରାପ୍ତିର ସମ୍ଭାବନା ଅଛି ।



**ମିଥୁନ:** କର୍ମକ୍ଷେତ୍ରରେ ପାଦେ ପାଦେ ବିଜୟୀ ହେବେ । ସ୍ୱର୍ଣ୍ଣ ଆଭୁଷଣାଦି ପ୍ରାପ୍ତି ଯୋଗ । ଗଠନ ମୂଳକ କାର୍ଯ୍ୟ କରି ପ୍ରଶଂସା ଭାଜନ ହେବେ । କାର୍ଯ୍ୟ କ୍ଷେତ୍ରରେ ଉଦ୍ୟମର ସାଫଲ୍ୟତା ମିଳିବ । ସମ୍ପଦ ବୃଦ୍ଧି ପାଇବାର ଆଶା ।



**କର୍କଟ:** କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟ କାରଣରୁ କାର୍ଯ୍ୟ ନାଶ । ନିଜର ପ୍ରତ୍ୟୁତ୍ପନ୍ନ ମତି ପାଇଁ ବିପଦ ମୁକ୍ତ ହେବେ । ଘରକୁ ସୌଖିନ ପଦାର୍ଥ ଆଣିବାର ସମ୍ଭାବନା । ପଛ କଥାକୁ ନ ଭାବି ବର୍ତ୍ତମାନ କାର୍ଯ୍ୟରେ ଅଗ୍ରସର ହେଲେ ଭଲ ।



**ସିଂହ:** କଷ୍ଟସାଧ ହେଲେବି ଅସମାହିତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ନିଜର ଅବହେଳା ପାଇଁ କର୍ମକ୍ଷେତ୍ରରେ ପର ଉପରେ ଭରଷା କରିବେ । ବ୍ୟବସାୟ ବାଣିଜ୍ୟରେ ସମସ୍ୟା ଦେଖାଦେଇପାରେ । ବୃତ୍ତିଗତ ଜୀବନରେ ଲକ୍ଷ୍ୟଭ୍ରଷ୍ଟଙ୍କର ସମ୍ଭାବନା ।



**କନ୍ୟା:** ଭାବିଥିବା ଶୁଭ ସମ୍ବାଦ ପାଇ ଆନନ୍ଦିତ ହେବେ । ନିଜର ଅସଂଯତ କାର୍ଯ୍ୟ ପାଇଁ ସମାଲୋଚିତ ହୋଇପାରନ୍ତି । କର୍ମକ୍ଷେତ୍ରରେ ସତର୍କତା ଅବଲମ୍ବନୀୟ । ଆନୁଷ୍ଠାନିକ କାର୍ଯ୍ୟରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସା ଭାଜନ ହେବେ ।



**ତୁଳା:** ଅର୍ଥ ଲାଭ କରି ଖୁସି ହେବେ । ଉପସ୍ଥିତ ବୁଦ୍ଧି ବଳରେ ସମସ୍ତ ପରିସ୍ଥିତିର ସାମ୍ନା କରିବେ । କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ଗୃହ କାର୍ଯ୍ୟକୁ ଅବହେଳା କରିବେ । ନିଜ ଲୋକଙ୍କର କାର୍ଯ୍ୟ କଳାପ ବିରକ୍ତି ଭାବ ସୃଷ୍ଟି କରିବ ।



**ବିଛା:** କର୍ମକ୍ଷେତ୍ରରେ ଅସୁବିଧା ହେତୁ ଅଶାନ୍ତି ବୋଧ ହେବ । ଉଚ୍ଚ କର୍ତ୍ତୃପକ୍ଷଙ୍କ ସହଯୋଗ ପାଇବେ । ଚିନ୍ତା କରୁଥିବା କାର୍ଯ୍ୟର ସାଫଲ୍ୟତା ବିଳମ୍ବରେ ଆସିବ । ପାରିବାରିକ ସ୍ଥିତିରେ ଉନ୍ନତି । ଅପ୍ରିୟ ସତ କହି ବନ୍ଧୁ ବିରୋଧୀ ହୋଇପାରନ୍ତି ।



**ଧନୁ:** ଉଚ୍ଚ ଚିନ୍ତା କଲେ ମଧ୍ୟ ପାରିବାରିକ ବିରୋଧର ସାମ୍ନା କରିବାକୁ ହେବ । କର୍ମକ୍ଷେତ୍ରରେ ଜଞ୍ଜାଳ ବଢ଼ିବ । କର୍ମକ୍ଷେତ୍ରରେ ସମ୍ମାନ ମିଳିବା ସହିତ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ଅକସ୍ମାତ୍ ଯାନ୍ତ୍ରିକ ତୃଟି ଦୂର ଯାତ୍ରାରେ ବିଳମ୍ବ ଘଟାଇବ ।



**ମକର:** ବନ୍ଧୁ ମତାନ୍ତର ଯୋଗ ରହୁଛି । ତେଣୁ ଦେଖି ଚାହିଁ ପଦକ୍ଷେପ ନେବା ବାଞ୍ଛନୀୟ । ଉଚ୍ଚବର୍ଗ ବ୍ୟକ୍ତିଙ୍କ ସହାୟତା ଲାଭ କରିବେ । କାର୍ଯ୍ୟକ୍ଷେତ୍ରରେ ଅସ୍ଥିରତା ଦୂର ହେବ । କେତେକ ପାରିବାରିକ ସମସ୍ୟା ପାଇଁ ମନ ଅସ୍ଥିର ରହିବ ।



**କୁମ୍ଭ:** କାର୍ଯ୍ୟକ୍ଷେତ୍ରରେ ଦୃତତର ଉନ୍ନତିର ଆଶା । ଗୁପ୍ତ ଶତୃଙ୍କ ଠାରୁ ସମଦୂରତା ରକ୍ଷା କରନ୍ତୁ । ହଠାତ୍ ଅନିର୍ବାର୍ଯ୍ୟକାରଣ ବଶତଃ ଦୂରଯାତ୍ରା ସ୍ଥଗିତ ରହିପାରେ । କର୍ମକ୍ଷେତ୍ରରେ ଅଧିକ ଦାୟିତ୍ୱ ନେଇ ଅର୍ଥ ଓ ସମ୍ମାନ ଲାଭ କରିବେ ।



**ମୀନ:** ମନରେ ଚଞ୍ଚଳତା ଆସିବ କିନ୍ତୁ କର୍ମ ହାନି ଯୋଗ । କେତେକ କ୍ଷେତ୍ରରେ ବାକ୍ ସଂଯମତା ନରଖି ଅପମାନିତ ହେବେ । ପାରିବାରିକ ଆନନ୍ଦ ମିଳିବ । ବିବାଦୀୟ ଘଟଣା ଭିନ୍ନ ମୋଡ଼ ନେଇପାରେ । ପରକଥାକୁ ବିଶ୍ୱାସ ନକଲେ ଭଲ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୭।୮।୨୦୨୪, ଆଷାଢ ଦି୨୪ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୧୩।୫୦** **ଚନ୍ଦ୍ରୋଦୟ- ପ୍ରାଘ୭।୦।୨୨**

**ତୃତୀୟା**- ଅହୋରାତ୍ର । **ପୁଷ୍ୟା ନକ୍ଷତ୍ର ମଳ**- ପ୍ରାଘ ୬।୦୩ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର**- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର**- ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ**- ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ**- ପୋଟଳ ଖାଇବା ମନା । **ଆଜିର ଶୁଭବେଳା**- ଦିଘ ୮।୪୮ ଗତେ ଘ ୧୦।୩୨ ମଧ୍ୟେ । ଦିଘ ୯।୨୦ ଗତେ ଘ ୧୦।୩୦ ମଧ୍ୟେ । **ପର୍ବୋତ୍ସବ**- ବାରିପଦା, ଯାଜପୁର ଓ କେନ୍ଦ୍ରାପଡ଼ାରେ ରଥ ଚାଳନା ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ଜୁଲାଇ ୨୦୨୪ ରବିବାର





# ସବୁ ଯୋଗ୍ୟ ଚାଷୀ ପିଏମ୍ କିଷାନ ଯୋଜନାରେ ସାମିଲ ହେବେ

ଭୁବନେଶ୍ୱର
ନ୍ୟୁଜ୍ ବ୍ୟୁରୋ

ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବରେ ସୁନାମ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କୃଷକ ମାନଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ବିଭିନ୍ନ କୃଷକ ସଂଗଠନ ମାନଙ୍କ ସହିତ ଆଲୋଚନା କରି ଅନେକ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କ ସହିତ କୃଷି ଭବନ ପରିଦର୍ଶନ କରିଥିଲେ।

ଏହି ଅବସରରେ ପ୍ରମୁଖ ସଚିବ ଶ୍ରୀ ପାଢ଼ୀ କୃଷି ଭବନର ସ୍ୱତନ୍ତ୍ର ନିର୍ମାଣ ଶୈଳୀ ଓ କୃଷକମାନଙ୍କ ପାଇଁ ହୋଇଥିବା ବିଭିନ୍ନ ସୁବିଧା ସମ୍ପର୍କରେ ବୁଝାଇ ଥିଲେ।

ବୈଠକରେ ଭାରତୀୟ କିଷାନ ସଂଘ, ଗ୍ରାମ ବିକାଶ ପରିଷଦ ଓ ଅନ୍ୟ କୃଷକ ସଂଗଠନର କର୍ମକର୍ତ୍ତାମାନେ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ।



ଆଲୋଚନା ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଏମ କିଷାନ ଯୋଜନାରେ ଯେଉଁମାନେ ଯୋଗ୍ୟ ହିତାଧିକାରୀ ଅଛନ୍ତି କିନ୍ତୁ ସାମିଲ ହୋଇ ପାରି ନାହାଁନ୍ତି, ସମସ୍ତଙ୍କୁ ସାମିଲ କରାଯିବ। ଏଥିପାଇଁ ସରକାର ଆବଶ୍ୟକ ବ୍ୟବସ୍ଥା ଓ ନିୟମ ପ୍ରସ୍ତୁତ କରୁଛନ୍ତି।

ସେହିପରି ଶୀତଳ ଭଣ୍ଡାର ପ୍ରତିଷ୍ଠା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରଥମେ ୫୮ ଟି ସବ ଡିଭିଜନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ। ପ୍ରତ୍ୟେକ ସବ ଡିଭିଜନରେ ଗୋଟିଏ ଗୋଟିଏ ଶୀତଳ ଭଣ୍ଡାର ହେବା ଦ୍ୱାରା ସବୁ ଅଞ୍ଚଳର ଚାଷୀ ମାନେ ଲାଭବାନ ହୋଇ ପାରିବେ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ରାଜ୍ୟ ସରକାର ସମୃଦ୍ଧ କୃଷକ ନୀତି ପ୍ରସ୍ତୁତ କରୁଛନ୍ତି। ଏଥିରେ ଚାଷୀମାନଙ୍କୁ ଚାଷ ଆରମ୍ଭରୁ ଫସଲ ବିକ୍ରି ପର୍ଯ୍ୟନ୍ତ ପ୍ରତି ପଦକ୍ଷେପରେ ସହଯୋଗ ଓ ସହାୟତା ଯୋଗାଇ ଦିଆଯିବ। ସରକାର ଗଠନର ପ୍ରଥମ ଦିନରେ ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କା କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିବାରୁ କୃଷକ ସଂଗଠନ ମାନେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ।

## ଏକାଳ ପଖାଳ



ରଥ ପରେ ବିଜେ କାଳିଆ ଠାକୁର
ଭାଇ ଭଉଣୀଙ୍କ ସଙ୍ଗେ
ତିନିଲୋକର ସବୁରି ସୌନ୍ଦର୍ଯ୍ୟ
ଫିକା ତା'ଆଗେ ଲାଗେ
ନଜର ଲାଖିଯାଏ ଶ୍ରୀଅଙ୍ଗେ
ଏଥର ପୁଣି ଦୁଇ ଦିନ ଯାତ୍ରା
ଭକ୍ତିର ଲହଡି ଭାଙ୍ଗେ।

# ଘୁଞ୍ଚିଲା ନିଟ୍ ୟୁଜି କାଉନସେଲିଂ, ଶୀଘ୍ର ଘୋଷଣା ହେବ ନୂଆ ତାରିଖ

ନୂଆଦିଲ୍ଲୀ

ନିଟ୍ ୟୁଜି-୨୦୨୪ର କାଉନସେଲିଂକୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏଥିପାଇଁ ଅଲ ଇଣ୍ଡିଆ କୋଟା (ଏଆଇକ୍ୟୁ) ୬ ଜୁଲାଇରୁ ଆରମ୍ଭ ହେବାକୁ ଥିବା କାଉନସେଲିଂକୁ ସ୍ଥଗିତ ରଖିବାକୁ ସୁପ୍ରିମକୋର୍ଟ ମନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ନିଟ୍ ୟୁଜି-୨୦୨୪ କାଉନସେଲିଂ ପାଇଁ ନୂଆ ତାରିଖ ଖୁବ୍‌ଶୀଘ୍ର ଘୋଷଣା କରାଯିବ।

ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୁଡଙ୍କ ନେତୃତ୍ୱରେ ଏବଂ ଜଷ୍ଟିସ ଜେ.ବି ପାରଦୀୱାଲା ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଜୁଲାଇ ୮ରେ ନିଟ ୟୁଜି ୨୦୨୪ ସମ୍ପର୍କିତ ଅନେକ ଆବେଦନର



ଶୁଣାଣି ହେବାର କାର୍ଯ୍ୟକ୍ରମ ରହିଛି । ଏହି ପିଟିସନରେ ପେପର ଲିକ ଅଭିଯୋଗ, ସମ୍ପୂର୍ଣ୍ଣ ପରୀକ୍ଷା ବାତିଲ କରିବା ଓ ପୁଣି ଆୟୋଜନ କରିବାକୁ ଦାବି, ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିର କାର୍ଯ୍ୟର ତଦନ୍ତ ଦାବି ଏବଂ ଅନ୍ୟାନ୍ୟ ଚିନ୍ତାଧାରା ଅନ୍ତର୍ଭୁକ୍ତ।

ସୂଚନାଯୋଗ୍ୟ, ନିଟ ୟୁଜି କାଉନସେଲିଂ ଏକାଧିକ ରାଉଣ୍ଡରେ ଚାଲିଥାଏ, ଯେଉଁଥିରେ ଖାଲି ପଦବୀ ଏବଂ ମୋପ ଅପ ରାଉଣ୍ଡ ଅନ୍ତର୍ଭୁକ୍ତ। ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ଛାତ୍ରମାନେ ପ୍ରଥମେ ନିଟ ୟୁଜି କାଉନସେଲିଂ ପାଇଁ ପଞ୍ଜିକରଣ ଏବଂ ଦେୟ ଦେବାକୁ ପଡିବ। ଏହା ପରେ ବିକଳ୍ପଗୁଡ଼ିକ ପୂରଣ ଏବଂ ଲକ କରିବାକୁ ପଡିବ । ପରେ ଡକ୍ୟୁମେଣ୍ଟଗୁଡିକ ଅପଲୋଡ କରିବାକୁ ପଡିବ ଏବଂ ଜଣଙ୍କୁ ଆଲର୍ଟ କରାଯାଇଥିବା ଅନୁଷ୍ଠାନରେ ବ୍ୟକ୍ତିଗତ ଭାବରେ ରିପୋର୍ଟ କରିବାକୁ ପଡିବ।

# ଜୁଲାଇ ୨୩ରେ କେନ୍ଦ୍ର ବଜେଟ୍

ନୂଆଦିଲ୍ଲୀ



ଜୁଲାଇ ୨୩ରେ ଉପସ୍ଥାପନ ହେବ କେନ୍ଦ୍ର ବଜେଟ୍। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆସିବ ପୂର୍ଣ୍ଣାଙ୍ଗ ବଜେଟ୍। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଉପସ୍ଥାପନ କରିବେ।

ଏନେଇ ସଂସଦୀୟ ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି । ମୋଦି ସରକାରଙ୍କ ତୃତୀୟ ପାଳିର ଏହା ହେବ ପ୍ରଥମ ବଜେଟ୍ ଅଧିବେଶନ । ଏହା ପୂର୍ବରୁ ଦ୍ୱିତୀୟ ପାଳିର ଅନ୍ତିମ କାମଚଳା ବଜେଟ ଫେବୃୟାରୀରେ ହୋଇଥିଲା।

ଏକ୍ସ ପୋଷ୍ଟରେ ରିଜିଜୁ କହିଛନ୍ତି ଯେ, ଆସନ୍ତା ୨୩ରେ କେନ୍ଦ୍ରର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବ। ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଜୁଲାଇ ୨୨ରୁ ସଂସଦ ଅଧିବେଶନ ଆରମ୍ଭ ହେବ ଏବଂ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଷ୍ଟାଦଶ ଲୋକସଭାର ପ୍ରଥମ ବଜେଟ ଉପସ୍ଥାପନ କରିବେ। ଏହା ସାଙ୍ଗକୁ ସେ ମଧ୍ୟ କ୍ରମାଗତ ଭାବେ ସପ୍ତମ ଥର ପାଇଁ ବଜେଟ୍ ଉପସ୍ଥାପନ କରିବେ। ଏପରି କରିବାରେ ସୀତାରମଣ ପୂର୍ବତନ ଅର୍ଥମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ରେକର୍ଡ ଭାଙ୍ଗି ପ୍ରଥମ ଭାରତୀୟ ଅର୍ଥମନ୍ତ୍ରୀର ମାନ୍ୟତା ପ୍ରାପ୍ତ ହେବେ।

# ବର୍ଷାରେ ଭିଜିବ ରଥଯାତ୍ରା



ଭୁବନେଶ୍ୱର
ନ୍ୟୁଜ୍ ବ୍ୟୁରୋ

ପୂର୍ବ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ହୋଇଥିବାରୁ ଏହାର ପ୍ରଭାବରେ ରବିବାର ପୁରୀରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଉପକୂଳ ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ବିଶ୍ୱ ପ୍ରସିଦ୍ଧ ମହାପ୍ରଭୁଙ୍କ ଘୋଷଯାତ୍ରାରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି।

ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥବା ସୂଚନା ଅନୁସାରେ ଆଗାମୀ ୨୪ ଘଣ୍ଟାରେ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବ। ଏହା ସହ କାଁ ଭାଁ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ମାଲକାନଗିରି, କୋରାପୁଟ , ଗଜପତି, ମୟୁରଭଞ୍ଜ, କେନ୍ଦୁଝରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୭ ତାରିଖରେ ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିବ ୮ ତାରିଖ ପରେ କମିପାରେ ବର୍ଷାର ପରିମାଣ।

# ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ମୋଦି

ନୂଆଦିଲ୍ଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ କେୟର ଷ୍ଟାରମରଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି । ଏଥିସହିତ ମୋଦି ଷ୍ଟାରମରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବ୍ରିଟେନରେ ହୋଇଥିବା ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ଋଷି ସୁନକଙ୍କୁ ପରାସ୍ତ କରି ଲେବର ପାର୍ଟି'ର ଷ୍ଟାରମର ବିଜୟ ହାସଲ କରିଛନ୍ତି । ୬୫୦ ସିଟ ମଧ୍ୟରୁ ୪୧୨ ସିଟ ହାସଲ କରି ୧୪ ବର୍ଷ ପରେ କ୍ଷମତାକୁ ଫେରିଛି ଦଳ। ଷ୍ଟାରମରଙ୍କ ସହ କଥାବାର୍ତ୍ତା କରି ମୋଦି ଭାରତ-ବ୍ରିଟେନର ବ୍ୟାପକ ରଣନୀତିକ ଭାଗିଦାରୀକୁ ବୃଦ୍ଧି କରିବାକୁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତ୍ତି ଅନୁଯାୟୀ, ଦୁଇ ଦେଶ ମୁଖ୍ୟ ଭାରତ ଏବଂ ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଶୀଘ୍ର ଚୂଡ଼ାନ୍ତ ରୂପେ କାର୍ଯ୍ୟ କରିବାକୁ ସହମତି ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ କେୟର ଷ୍ଟାରମରଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କରିଛନ୍ତି।






ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଡିପ୍‌ଫେକ୍ ସମସ୍ୟାକୁ ରୋକିବା ଲାଗି ଆଇନର ଆବଶ୍ୟକତା

ଡିପ୍‌ଫେକ୍‌କୁ ନେଇ ଦେଶବ୍ୟାପୀ ଚିନ୍ତା ପ୍ରକଟ କରାଯାଇଥିବା ବେଳେ ଏହାର କିଭଳି ମୁକାବିଲା କରାଯିବ ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପ୍ରଯୁକ୍ତିରେ ହୋଇଥିବା ଉନ୍ନତି ଯୋଗୁଁ ଡିପ୍‌ଫେକ୍ ଭିଡିଓ ତିଆରି ହୋଇପାରୁଛି। ସେହି ସମସ୍ୟାର ମୁକାବିଲା ଏଆଇ ହିଁ କରିପାରିବ ବୋଲି ଜଣେ ବିଶେଷଜ୍ଞ କହିଛନ୍ତି।

ଏବିଷୟରେ ସିଏସ୍‌ଏମ୍ ଟେକ୍ନୋଲୋଜିସ୍‌ର ନିର୍ଦ୍ଦେଶକ (ଷ୍ଟ୍ରାଟେଜିକ୍ ଗ୍ରୋଥ୍ (ଆମେରିକା) ପ୍ରେମ ସରିତ ଆଚାର୍ଯ୍ୟ କହିଛନ୍ତି ଯେ ଡିପ୍‌ଫେକ୍‌କୁ ଚିହ୍ନଟ କରିବା ଲାଗି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ବ୍ୟବହାର କରାଯାଇପାରିବ। କମ୍ପ୍ୟୁଟରକୁ ସୁରକ୍ଷା ପ୍ରଦାନ କରିବା ଲାଗି ଆଣ୍ଟି ଭାଇରସ ବ୍ୟବହାର କରାଯାଏ। ସେହିଭଳି କେତେକ ଏଆଇ ମଡେଲ୍ ଓ ଟୁଲ୍ ରହିଛି ଯାହା ଜରିଆରେ ଡିପ୍‌ଫେକ୍‌କୁ ସହଜରେ ଚିହ୍ନଟ କରାଯାଇପାରିବ। କେବଳ ଚିହ୍ନଟ ନୁହେଁ, ଯେଉଁ ପ୍ଲାଟଫର୍ମରେ ତାହା ଭାଇରାଲ ହେଉଛି ତାହାକୁ ସେଥିରୁ ହଟାଇ ଦିଆଯାଇପାରିବ ଓ ତାହାର ପ୍ରସାରକୁ ରୋକାଯାଇପାରିବ ବୋଲି ସେ କହିଛନ୍ତି। ଡିପ୍‌ଫେକ୍ ଭିଡିଓକୁ ଚିହ୍ନଟ କରିବା ଲାଗି ଉନ୍ନତ ଏଆଇ ଆଲ୍‌ଗୋରିଦମ୍ ଉପରେ ଗବେଷଣା ଓ ବିକାଶ ପାଇଁ ଅଧିକ ନିବେଶ କରିବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି।

ଆଇନଗତ ବ୍ୟବସ୍ଥା, ପ୍ରଯୁକ୍ତିରେ ଗବେଷଣା ଓ ଆନ୍ତର୍ଜାତିକ ସହଯୋଗିତାର ସମିଶ୍ରଣରେ ଡିପ୍‌ଫେକ୍‌ର ମୁକାବିଲା କରାଯାଇପାରିବ।

ସେ କହିଛନ୍ତି ଯେ ଡିପ୍‌ଫେକ୍ ସମସ୍ୟାକୁ ରୋକିବା ଲାଗି ଏକ ବ୍ୟାପକ ଆଇନର ଆବଶ୍ୟକତା ରହିଛି। ସେଭଳି ଭିଡିଓ, ଛବି କିମ୍ବା ଅଡିଓ ଭଳି ବିଷୟବସ୍ତୁ ସୃଷ୍ଟିଠାରୁ ଆରମ୍ଭ କରି ପ୍ରସାର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ର ଲାଗି ଆଇନରେ ବ୍ୟବସ୍ଥା ରହିବା ଦରକାର। ଏହି ଆଇନ ପ୍ରସ୍ତୁତ କରିବା ବେଳେ ସୁରକ୍ଷିତ ଡାଟା ପରିଚାଳନା ଏବଂ ସବୁ ବ୍ୟକ୍ତିଗତ ତଥ୍ୟ ଯେଭଳି ଏନ୍‌କ୍ରିପ୍‌ଟେଡ୍ ରହିବ ତାହା ସୁନିଶ୍ଚିତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**‘ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା’**
**କ୍ଷୀରବ୍ଧୀ ତନୟା ରମା ।’**



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢ଼ି ଥୋକେ
ଭଗବାନ ହେଲେ
ରାମାୟଣ ପଢ଼ି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢ଼ିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢ଼ିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢ଼ି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢ଼ି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡ଼ି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ଼, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
କେ ରାମ ଭଜୁଛି ବେସି
କଳିଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି ପଢ଼ି
ଭାଗବତ (୧୬୨)
କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡ଼ି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

(କ୍ରମଶଃ)

# ଜଗବନ୍ଧୁ ପରି ଜଣେ ସାମନ୍ତ...



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା
ମୋ: ୯୪୩୭୦୮୮୦୩୯



କମ୍ବୁ କଟକର ରାଜା ଶ୍ରୀଜଗନ୍ନାଥ। ସେ ଦାରୁ ଦେବତା, ସ୍ୱୟଂ ପରଂବ୍ରହ୍ମ, ବିଜେ କରିଛନ୍ତି ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରରେ। ଉଡୁଛି ପତିତପାବନ ନେତ। ପାତକୀମାନଙ୍କୁ ହାତ ଠାରି ଡାକୁଛନ୍ତି, ଆପଣେଇ ନେଉଛନ୍ତି ଦୁଃଖୀ, ରଙ୍କି, ଯୋଗୀ ଭୋଗୀ, ରୋଗୀ ବୈରାଗୀ, ରାଜା ପ୍ରଜା - ସମସ୍ତଙ୍କୁ, ନାହିଁ ବାଛ ବିଚାର, ବଡ଼ସାନ ଭେଦଭାବ, ସର୍ବେ ଏକ ଏକାକାର। ତାଙ୍କର କରୁଣା ଟିକକ ପାଇଁ ସମସ୍ତେ ବ୍ୟାକୁଳ। ଯୋଗୀ, ମୁନି ଋଷିମାନେ କାଳେ କାଳେ ତପସ୍ୟାରତ, କଳ୍ପକଳ୍ପ ବିତି ଯାଇଛି, ହେଲେ ପାଇ ନାହାନ୍ତି ସେହି ପରମ ପୁରୁଷଙ୍କ ସାନ୍ନିଧ୍ୟ। ସାଧାରଣ ଭକ୍ତଟିଏ, ନାହିଁ ଜ୍ଞାନ ଗରିମା, ଜପ ତପ କ’ଣ ଜାଣେନି, ସମ୍ପୂର୍ଣ୍ଣ ଭାବେ ନିଜକୁ ସମର୍ପଣ କରିଦିଏ ସେଇ ଅପାଣି ପାଦୋ ଯବନୋଗ୍ରହୀତା, ଦାରୁ ଦିଅଁଙ୍କ ନିକଟରେ। ଝରି ପଡ଼େ କରୁଣାଶୀଷ, ଭକ୍ତ ମନ ଚାତକ ତୋଷ ହୁଏ। କାହା କାମ କୁମ୍ଭ ବା ମହାପ୍ରଭୁ ପୂର୍ଣ୍ଣ କରି ନାହାନ୍ତି? ଭକ୍ତ ଅନ୍ତର କଥା ଜାଣି ପାରନ୍ତି ବୋଲି ସେ ତ ଅନ୍ତର୍ଯ୍ୟାମୀ। ଭାବଗ୍ରହଣ କରି ସେ ଭାବବିନୋଦିଆ, ପତିତ ଜନଙ୍କ ପାଇଁ ଜଗବନ୍ଧୁ, ପତିତପାବନ ଆର୍ତ୍ତତ୍ରାଣ। କିଏ ତାଙ୍କୁ ଦେଖେ କେତେ ରୂପରେ। କାହା ପାଇଁ ସେ ଅରୂପ ଅଣାକାର, ନିର୍ଗୁଣ, ନିର୍ବିଶେଷ, ନିର୍ବିକଳ୍ପ ଅବା ଅଚିନ୍ତ୍ୟ ଅନିର୍ବଚନୀୟ। କିନ୍ତୁ ସାଧାରଣ ଭକ୍ତଟି ଦେଖେ ତାଙ୍କୁ ବନ୍ଧୁ ଭାବରେ, ସଖାରୂପରେ। ତା’ ପାଇଁ ଲୋଡ଼ା ନାହିଁ ଅତନ୍ଦ୍ରିୟ ଅସୀମର ପରିକଳ୍ପନା। ଶ୍ରୀଜଗନ୍ନାଥ ତା’ ନିକଟରେ ସୁଗଣ, ସାକାର, ଅନନ୍ତ ବିଭୂତି, ଅପରୂପ ସୌନ୍ଦର୍ଯ୍ୟର ଆଧାର। ତାଙ୍କର ଶାନ୍ତ, କାନ୍ତ, କମନୀୟ ରୂପକାନ୍ତିରେ ବିହ୍ୱଳ ହୋଇଯାଏ ଭକ୍ତଟିଏ। ତଲ୍ଲୀନ ହୋଇଯାଏ ଦାସ୍ୟ, ସଖ୍ୟ ଭାବରେ, ଅବଗାହନ କରେ ଲାବଣ୍ୟ ସିନ୍ଧୁରେ। ଏଣିକି ଭକ୍ତ ଭଗବାନ ଅଭିନ୍ନ। ଘୁଞ୍ଚିଯାଏ ଦୁଃଖ ଯନ୍ତ୍ରଣାର ରାହୁ। ଭକ୍ତଟିଏ ଊର୍ଦ୍ଧ୍ୱ ବାହୁ ହୋଇ ସ୍ତୁତି କରେ, ସ୍ତବପାଠରେ, ହଜି ମଜ୍ଜିଯାଏ। ସେ ଦିନ ମଧ୍ୟ ବିହ୍ୱଳ ହୋଇ ଯାଇଥିଲେ ଭକ୍ତକବି ଦୀନକୃଷ୍ଣ, ନୀଳକନ୍ଦରିଆ ପଦାରବିନ୍ଦରେ ନିଜକୁ ସମର୍ପଣ କରିଦେଇଥିଲେ। ଝରି ପଡୁଛି ଆନନ୍ଦାଶ୍ରୁ, ଭକ୍ତି ଗଦ୍ ଗଦ୍ ଚିତ୍ତରେ ଗାଇଲେ-

**“ଜଗବନ୍ଧୁ ପରି ଜଣେ ସାମନ୍ତ / ନାହିଁ ନାହିଁ ତ, / ଚଉଦ ଭୁବନ ବାରତା ଜାଣନ୍ତି / ଚକ୍ରରେ ଛେଦନ୍ତି ଆରତ।”**

ରାଜାଧିରାଜ ଶ୍ରୀଜଗନ୍ନାଥଙ୍କ ଅଶେଷ କରୁଣା। ସମଗ୍ର ସୃଷ୍ଟିର ସେ ହର୍ତ୍ତା, କର୍ତ୍ତା, ଦୈବ ବିଧାତା।

ବଡ଼ ବିଚିତ୍ର ସେ ସାମନ୍ତ, ଅଲୌକିକ ତାଙ୍କ ଲୀଳା। ଦାରୁ ଦେବତା ସାଧାରଣ ମନୁଷ୍ୟ ନୁହନ୍ତି, ତ୍ରିଭୁବନର ଅଧିପତି, ଅଖିଳ ବ୍ରହ୍ମାଣ୍ଡର ସ୍ରଷ୍ଟା, ପାଳକ, ନିୟାମକ, ସଂହାରକର୍ତ୍ତା ମଧ୍ୟ। କୋଟି ହୃଦୟର ସେ ରାଜେଶ୍ୱର। ଦୁଃଖ ନିବାରଣ, ସନ୍ଥପାଳନ, ଗୋବ୍ରାହ୍ମଣ ହିତାର୍ଥେ ତାଙ୍କର ଅବତାର। କାହାପାଇଁ ସେ ମହାବାହୁ, ଜଗତ ଈଶ୍ୱର, ବଳିଆର ଭୁଜ; ମାତ୍ର ଓଡ଼ିଆଟିର ସେ ଗେହ୍ଲାପୁଅ। ଅତି ଆଦରରେ, ସ୍ନେହରେ ଓଡ଼ିଆଟି ତାଙ୍କୁ ଡାକେ କଳାଠାକୁର, କାଳିଆହାତୀ, କାଳିଆ ଦିଅଁ। ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି, ବେଶଭୂଷା, ପ୍ରତିଟିରେ ଦେଖିବାକୁ ମିଳେ ଓଡ଼ିଆ ଜନଜୀବନର କଥା। କରୁଣାମୟ ଶ୍ରୀଜଗନ୍ନାଥ ନୀଳକନ୍ଦରରେ ବିଜେ କରି ଅନୁଗୃହୀତ କରିଛନ୍ତି ଏଜାତିକୁ। ଓଡ଼ିଶା ପାଲଟିଛି ପୁଣ୍ୟଭୂମି, ସାରା ଭାରତବର୍ଷରେ ଉତ୍କଳ ଦେଶ ଠାକୁର ଦେଶ ନାମେ ଖ୍ୟାତ। ଓଡ଼ିଶାର ଜାତୀୟ ଜୀବନ, ଧର୍ମ, ଦର୍ଶନ - ସବୁଥିରେ ଜଗନ୍ନାଥଙ୍କ ସଂସ୍କୃତିର ପ୍ରାଣ ପ୍ରକାଶ। ଓଡ଼ିଶାର ଧର୍ମ କହିଲେ ଜଗନ୍ନାଥ ଉପାସନା, ଗୋଟେ କଥାରେ କହିଲେ ଜଗନ୍ନାଥ ହିଁ ସକଳ ବିଭବର ପ୍ରାଣକେନ୍ଦ୍ର। ଏହି ପୁଣ୍ୟଭୂମିରେ କେତେକେତେ ଧର୍ମର ବାତ୍ୟା ବହିଯାଇଛି। ହେଲେ ରହସ୍ୟମୟ ଦାରୁଦେବତା ଚିର ଅଚଳ ଅଟଳ। ଶ୍ରୀକ୍ଷେତ୍ରକୁ ଅନେକ ଦାର୍ଶନିକ, ଧର୍ମ ପ୍ରଚାରକ ଆସିଛନ୍ତି। ଆପଣା ଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ବ୍ୟାକୁଳତା ପ୍ରକାଶ କରିଛନ୍ତି। ମାତ୍ର ସଫଳ ହୋଇ ପାରିନାହାନ୍ତି। ଯାହାକିଛି ନୂତନ ଜନତାଦ୍ୱାରା ବିବେଚିତ, ସେ ସମସ୍ତ ଜଗନ୍ନାଥଙ୍କ ଠାରେ ଆରୋପିତ। ଶ୍ରୀକ୍ଷେତ୍ର ପାଲଟିଛି ସର୍ବଧର୍ମ ସମନ୍ୱୟର ପୀଠ। ଆଦ୍ୟରେ ଶବର ଉପଜାତି ଉପାସନାରୁ କାଳିଆ ସାଆନ୍ତଙ୍କ ଆବିର୍ଭାବ। କାଳକ୍ରମେ ଜୈନ, ବୌଦ୍ଧ, ତାନ୍ତ୍ରିକ, ଶୈବ, ଶାକ୍ତ, ଗାଣପତ୍ୟ, ସୌର ଆଦି ସକଳ ଆର୍ଯ୍ୟଧର୍ମ ଦ୍ୱାରା ଗୃହୀତ। ବିଶିଷ୍ଟ ଦ୍ୱୈତବାଦୀ ଶ୍ରୀମଦ୍ ରାମାନୁଚାର୍ଯ୍ୟ, ସେ ଜଗନ୍ନାଥଙ୍କୁ ପରମଲକ୍ଷ୍ମୀ ‘କାନ୍ତ୍ୟାକାଞ୍ଚନ ସନ୍ନିଭାଂ’ଙ୍କ ସ୍ୱାମୀ ସେହି ପରମଲକ୍ଷ୍ମୀ ଶ୍ରୀଦେବୀ ନାମ ଆଖ୍ୟା ଦେଇଛନ୍ତି। ଉଡ୍‌ଡ଼ୀୟାନ ତନ୍ତ୍ରାନୁଯାୟୀ ସେ ମହାକାଳ, ପୂଜା ପାଆନ୍ତି ଦକ୍ଷିଣାଚାର, ବାମାଚାର ମନ୍ତ୍ରରେ। କେବଳ ସେ କାଳଭୈରବ ନୁହନ୍ତି, କାଳାତୀତ ଭୈରବ। ତାଙ୍କ ପୀଠ ନବତ୍ରିକୋଣ ଶ୍ରୀଚକ୍ର (ତାନ୍ତ୍ରିକ ଚକ୍ର) ଉପରେ ପ୍ରତିଷ୍ଠିତ। ସେ ପୁଣି ମହା ବଉଦ୍ଧ ରୂପ ଯେ ‘ବିକାଶ ତିନିରେଖା ମାର୍ଜିତ ବୌଦ୍ଧଧର୍ମ ବୁଦ୍ଧଙ୍କର ମୂର୍ତ୍ତିମନ୍ତ ପ୍ରତୀକ’। କୁଳାଚାରୀ ଜୈନଙ୍କର ସେ ‘ପଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଚ୍ଚିତଂ’। ସ୍ୱୟଂ ବ୍ରହ୍ମା ଏହି ରହସ୍ୟମୟ ଦେବତାଙ୍କର ପାଇନାହାନ୍ତି ଆଦି ଅନ୍ତ। ଛାର ମନୁଷ୍ୟ ବା ତାଙ୍କୁ କିପରି ବୁଝିବ? ଏଇ କଥାଟି ଶ୍ରୁତିରେ ବର୍ଣ୍ଣିତ - “ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ / ଦେବାଃ ନ ଜାନାନ୍ତି କୁତ ମନୁଷ୍ୟାଃ।”

ଜଗନ୍ନାଥ ପୁରୁଷୋତ୍ତମ, ସେ କ୍ଷରରୁ ଅତୀତ, ଅକ୍ଷରରୁ ଉତ୍ତମ, ତେଣୁ ସେ ନିରାକାର, ଗୀତାରେ ପୁରୁଷୋତ୍ତମ ଯୋଗ, ପଞ୍ଚଦଶ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି - “ଯସ୍ମାତ୍ କ୍ଷରମତୀତୋଽହମ୍ କ୍ଷରାଦପି ଚୋତ୍ତମଃ / ଅତୋଽସ୍ମିନ ଲୋକେ ବେଦେ ଚ ପ୍ରତିଥଃ ପୁରୁଷୋତ୍ତମଃ।” ଶ୍ରୀଜଗନ୍ନାଥ ସ୍ୱୟଂ ଅବତାରୀ, କଚ୍ଛପ ମତ୍ସ୍ୟାଦି ଅବତାରର ସେ ଜନକ। ସେ ପୁଣି ଷୋଳକଳା। ସଗୁଣ ନିର୍ଗୁଣ ବ୍ରହ୍ମ ବ୍ୟତିରେକେ ପୂର୍ଣ୍ଣବ୍ରହ୍ମ। ସବୁ ଅବତାର ମଧ୍ୟରେ ସେ ଗଠିତ। କବି ଜୟଦେବ ତାହା ଉଲ୍ଲେଖ କରିଛନ୍ତି- “ବେଦାନୁଦ୍ଧରତେ ଜଗନ୍ନିବହତେ ଭୂଗୋଳମୁଦ୍ ବିଭ୍ରତେ / ଦୈତ୍ୟଂ ଦାରୟତେ ବଳିଂ ଛଳୟତେ କ୍ଷତ୍ରକ୍ଷୟଂ କୁର୍ବତେ / ପୌଲସ୍ତ୍ୟଂ ଜୟତେ ହଳଂ କଳୟତେ କାରୁଣ୍ୟ ମାତନ୍ୱତେ / ମ୍ଳେଚ୍ଛାନ୍‌ମୂର୍ଚ୍ଛୟତେ ଦଶାକୃତି କୃତେ କୃଷ୍ଣାୟ ତୁଭ୍ୟ ନମଃ।”

ଦ୍ୱୈତାଦ୍ୱୈତବାଦୀ ନିମ୍ବାକ, ଅଦ୍ୱୈତବାଦୀ ଶ୍ରୀଆଦିଶଙ୍କର, ଶ୍ରୀରାମାନୁଜ, ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟ, ଭେଦାଭେଦବାଦୀ ଶ୍ରୀଭାସ୍କର - ଏମାନେ ଶ୍ରୀଜଗନ୍ନାଥଙ୍କୁ କଳାଶ୍ରେଷ୍ଠ ଭାବେ ଗ୍ରହଣ କରିଛନ୍ତି। ପଞ୍ଚରାତ୍ରିପାସନା, ଭାବଭକ୍ତି ସାଧନା, ରାମାନୁଗାସାଧନାର କେନ୍ଦ୍ରସ୍ଥଳୀ ଶ୍ରୀଜଗନ୍ନାଥ। ରୂପଗୋସ୍ୱାମୀ ତାଙ୍କୁ କାଳିନ୍ଦୀ କୂଳିଆ, କାଇଁଚମାଳିଆ, କେକୀପୁଚ୍ଛ ଚାରୁଚୂଳିଆ ଭାବେ ଗ୍ରହଣ କରିଛନ୍ତି - “ପ୍ରିୟ ସୋଽୟଂ କୃଷ୍ଣ ସହଚରି! କୁରୁକ୍ଷେତ୍ରେ ମିଳିତଃ / ସ୍ତଥାହଂ ସୋରାଧା ତଦିଦ ମୁଭୟୋଃ ସଙ୍ଗମ ସୁଖମ୍ / ତଥାପ୍ୟନ୍ତଃ ଖେଳିନ ମଧୁର ମୁରଲୀପଞ୍ଚାମଜୁଷେ / ନମୋ ମେ କାଳିନ୍ଦୀ ପୁଳିନ ବିପିନାୟ ସ୍ୱହ୍ୟତି।”

ଚୌରାଶି କୋଟି ତୀର୍ଥର ରାଜା, ତିନିଭୁବନର ନାଥ - ଶ୍ରୀଜଗନ୍ନାଥ। ସେ ଜଗତର ନାଥ ଅର୍ଥାତ୍ ପ୍ରଭୁ। ପ୍ରଭୁ ବା ନାଥ ଧାରଣା ମଧ୍ୟରେ ‘ବନ୍ଧୁ’ ଧାରଣାଟି ଅନନ୍ୟ, ଅସାଧାରଣ ମଧ୍ୟ। ସାରା ବ୍ରହ୍ମାଣ୍ଡରେ ଏମିତି ଦେବତା ନାହାନ୍ତି, ଯାହାଙ୍କୁ ଭକ୍ତଟିଏ ବନ୍ଧୁଭାବେ ଆପଣେଇ ନେଇଛି। କିନ୍ତୁ ଜଗନ୍ନାଥଙ୍କୁ ଉପାସକଟିଏ ବନ୍ଧୁଭାବେ ଆଦରି ନିଏ। ତାଙ୍କୁ ଦର୍ଶନ କରିବା ପାଇଁ କିଛି ନୀତି ନିୟମ ନାହିଁ। ‘ଅପବିତ୍ରଃ ପବିତ୍ରୋ ବା ସର୍ବାବସ୍ଥାଂ ଗତୋଽପି ବା’ - ନ୍ୟାୟରେ କିଛି ବାଛ ବିଚାର ନାହିଁ। ବଡ଼ ଦାଣ୍ଡରେ ଚାଲି ଚାଲି ଆସେ ଭକ୍ତଟିଏ। ପାଦ ତା’ର ଧୂଳି ଧୂସରିତ, ପଦ ପ୍ରକ୍ଷାଳନର ଆବଶ୍ୟକତା ନାହିଁ। ସିଧା ଯାଇ ପହଞ୍ଚେ ରତ୍ନବେଦୀ ନିକଟରେ। ଦିଅଁ ଦର୍ଶନ ଆକାଙ୍କ୍ଷା ତା’ର ପହଞ୍ଚେ ଚରମସୀମାରେ। ଆବେଗରେ, ଭକ୍ତି ଗଦ୍‌ଗଦ୍ ଚିତ୍ତରେ ଆଲିଙ୍ଗନ କରେ କାଳିଆ ସାଆନ୍ତଙ୍କୁ। ସେଠି ନଥାଏ ଉପାସ୍ୟ ଉପାସକ ମଧ୍ୟରେ ପାର୍ଥକ୍ୟ। ନଥାଏ ଭକ୍ତ-ଭଗବାନ, ଦେବତା-ମଣିଷ, ଦାସ-ପ୍ରଭୁ, ସେବ୍ୟ-ସେବକର ବିଚାର ଭେଦ। ସୃଷ୍ଟି, ସ୍ଥିତି, ସଂହାରକାରୀ ଜଗଦିଶ୍ୱର ଜଗନ୍ନାଥ, ସେ ମଧ୍ୟ ଜୀବଜଗତର ‘ଅହଂ’ ବା ମୁଁ ଭାବେ ଜଗବନ୍ଧୁ, ଭେଦଭାବ ଶୂନ୍ୟ ଅଚିନ୍ତ୍ୟ ଭେଦାଭେଦ, ଜୀବରୂପୀ କ୍ଷର ପୁରୁଷ, ପରମାତ୍ମାରୂପୀ ଅକ୍ଷର ପୁରୁଷ, ଦିହେଁ ଏକା - ସମାନ। ଉପାସକ ପୁରୁଷ, ଉପାସ୍ୟ ପୁରୁଷ ମଧ୍ୟରେ ବନ୍ଧୁତା ଜଗବନ୍ଧୁ ନାମକୁ ସାର୍ଥକ କରିଛି। ସେଇଥିପାଇଁ ତ ଭକ୍ତ ଦାସିଆ ବାଉରି, ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତଙ୍କର ସେ ବନ୍ଧୁ। ସେଦିନ କେହି ଜଣେ ମହାନ୍ତି ପୁଅ, ତାଙ୍କ ଶ୍ରୀମତୀ ପିଲାପିଲିଙ୍କୁ ଧରି ବାହାରିଲେ ବନ୍ଧୁଘର। ପହଞ୍ଚିଲେ ଶ୍ରୀମନ୍ଦିର, ସିଂହଦ୍ୱାର ବନ୍ଦ, ଉପାସ ଭୋକେ ଶୋଇଗଲେ ଶ୍ରୀମନ୍ଦିର ସମ୍ମୁଖରେ। ଅନ୍ତର୍ଯ୍ୟାମୀ ନାରାୟଣ। ବନ୍ଧୁ ମନକଥା ବୁଝିଲେ, ପହଞ୍ଚାଇ ଦେଲେ ସୁନାଥାଳିରେ ଖିରି, ପୁରି, ଆରିସା, ଲହୁଣି, ମଗଜ ଲଡୁ - ବନ୍ଧୁଙ୍କ ପାଖରେ। ନିଦ୍ରାଭଙ୍ଗ ହୁଅନ୍ତେ ପାଖରେ କେହି ନଥିଲେ। ଶ୍ରୀମତୀ, ପିଲାଙ୍କ ସହ ମହାନ୍ତି ପ୍ରସାଦ ସେବନ କଲେ, ପାଖରେ ରହିଗଲା ଜଗନ୍ନାଥଙ୍କ ସୁନାଥାଳିଟି। ରାତି ପାହିଲା। ଚହଳ ପଡ଼ିଗଲା, ମହାନ୍ତି ଚୋରବୋଲି ସାବ୍ୟସ୍ତ ହେଲେ, ରହିଲେ ବନ୍ଦୀଶାଳରେ। ଗଜପତିଙ୍କୁ ସ୍ୱପ୍ନାଦେଶ ହେଲା। ଗଜପତି ରାଜା, ଜଗନ୍ନାଥଙ୍କ ବନ୍ଧୁ, ବନ୍ଧୁ ମହାନ୍ତିଙ୍କୁ ପାଟଶାଢ଼ି ଦେଇ ସମ୍ମାନିତ କଲେ। ମହାପ୍ରଭୁଙ୍କ ବନ୍ଧୁପଣ କୀର୍ତ୍ତି ଯୁଗଯୁଗକୁ ରହିଗଲା। କେବଳ ସେତିକି ନୁହେଁ, ଯିଏ ଯେତେବେଳେ ଡାକିଛି, ଜଗନ୍ନାଥ ତାଙ୍କ ମିନତି ଶୁଣିଛନ୍ତି, ଦୁଃଖ ହରିଛନ୍ତି। ଦୟାମୟଙ୍କ ଅପାର କରୁଣା, ବଖାଣିଛନ୍ତି ଭକ୍ତ ଚନ୍ଦନ ହଜୁରୀ - “କରୀ-ହରିଣୀ ଦ୍ରୌପଦୀ-ବିପତ୍ତି / ହରି! ହରି ଡେରିଛ ପରା ଶ୍ରୁତି / ଦରିଦ୍ର ସୁଦାମାକୁ କୋଟିନିଧି / ପରିପୂର୍ଣ୍ଣେ ଦେଲେ କୃପା ବାରିଧି ହେ / ଧରିଯା ମହିମା ଚିତ୍ତେ ହେ / ସରିତ ଯାଉଛି ହରି! ଆଉଥରେ ନଚାହିଁଲେ କୃପାନେତ୍ର ହେ।”

ଜଗବନ୍ଧୁ, ସେ ଦୟାର ସାଗର, କୃପାସିନ୍ଧୁ, କରୁଣା ବାରିଧି ଦୁଃଖନାଶ, ଗରୁଡ଼ାସନ। ତାଙ୍କୁ ଦୁଃଖ ଜଣାଇଲେ ଶୁଣନ୍ତି, ଦୁର୍ଦ୍ଦଶାର କାଳରାହୁକୁ ଛେଦନ କରନ୍ତି, ଜୀବକୁ କୈବଲ୍ୟ ଦିଅନ୍ତି। ନାଥ ବିଶେଷରେ ବଦ୍ରିନାଥ, କାଶିନାଥ, ଦ୍ୱାରିକାନାଥ - ଏମିତି ଅନେକ ନାଥ ଅଛନ୍ତି। ମାତ୍ର ଜଗତର ନାଥ ଜଗନ୍ନାଥ, ଏକମାତ୍ର ସେ କୈବଲ୍ୟ ବା ମୁକ୍ତିର ଅଧିକାରୀ। ସେଇଥିପାଇଁ ସାଧାରଣ ଭକ୍ତଟିଏ ବିଚାରକରେ, “ସକଳ ତୀର୍ଥ ତୋ ଚରଣେ / ବଦ୍ରିକା ଯିବି କି କାରଣେ।” ତାଙ୍କ ନିକଟରେ ଆତ୍ମସମର୍ପଣ କଲେ, ଜୀବ (ଆତ୍ମା) ଅଜୀବ (ଦେହ)ରୁ ଅଲଗା ହୋଇଯାଏ। ଏହି ପୃଥକୀକରଣ ହିଁ କୈବଲ୍ୟ। କୈବଲ୍ୟ ଶବ୍ଦରୁ କୋଇଲି ବୈକୁଣ୍ଠ। କୋଇଲି (ଦେହ, ମନ୍ଦିର, ଦେଉଳ) ବୈକୁଣ୍ଠ (ଯେଉଁଠି କୁଣ୍ଠାନାହିଁ, ଜାତିଭେଦ ନାହିଁ) - ଏଠାରେ ଜାତି ଧର୍ମ ଲିଙ୍ଗର ଭେଦାଭେଦ ନାହିଁ। ସେଠାରେ ପ୍ରତ୍ୟେକ ନିଜ ନିଜର ନାମ ଜାତି ଗୋତ୍ର ଲିପିବଦ୍ଧ କରାନ୍ତି। ପଣ୍ଡାମାନେ ଏହି ତାଲିକା କରିଥାଆନ୍ତି। ମହାପ୍ରସାଦକୁ ମଧ୍ୟ କୈବଲ୍ୟ କୁହାଯାଏ। ହିନ୍ଦୁମାନଙ୍କ ପାଇଁ ଏହା ଅତି ପବିତ୍ର। ମରଣକାଳେ ଏଥିରୁ କଣିକାଏ ତୁଣ୍ଡରେ ପାଇଲେ ଜୀବ ମୋକ୍ଷ ହୋଇଯାଏ - ଏଇଟି ଅକାଟ୍ୟ ବିଶ୍ୱାସ।

କାଳିଆ ସାଆନ୍ତ ତାଙ୍କ ପତିତପାବନ ନାମକୁ ସାର୍ଥକ କରିଛନ୍ତି। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଓହ୍ଲାଇ ଆସନ୍ତି ରତ୍ନବେଦୀରୁ, ବିଜେ କରନ୍ତି ନନ୍ଦିଘୋଷରେ। ଆରମ୍ଭ ହୁଏ ନବଦିନ ବ୍ୟାପୀ ଘୋଷଯାତ୍ରା। ତାଙ୍କୁ ଆଖି ପୂରାଇ ଦେଖେ ସାରାଜଗତ। ଜଗତର ନାଥ ଆଜି ଜନସମୁଦ୍ର ମଧ୍ୟରେ, ଭକ୍ତଙ୍କ ଗହଣରେ। କିଏ ରଥ ରଜ୍ଜୁ ତ ଆଉ କେହି ଆବେଗରେ ନନ୍ଦିଘୋଷକୁ ଟିକେ ଛୁଇଁବା ପାଇଁ ସଭିଁଙ୍କ ବ୍ୟାକୁଳତା। ଜଗବନ୍ଧୁଙ୍କୁ ରଥରେ ଦର୍ଶନକଲେ ମିଳିଯିବ କୈବଲ୍ୟ। ଏକଥାକୁ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଲେଖିଛନ୍ତି ‘କୋଟିବ୍ରହ୍ମାଣ୍ଡ ସୁନ୍ଦରୀ’ କାବ୍ୟରେ - “ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର, / ପତିତପାବନ ଅର୍ଥରେ ପ୍ରାସାଦୁଁ ବାହାର।” ସେହିପରି କପିଳ ସଂହିତାରେ ଉଲ୍ଲେଖ ଅଛି - “ଦୋଳେଚ ଦୋଳ ଗୋବିନ୍ଦଂ ଚାପେଣ୍ଡ ମଧୁସୂଦନଂ/ ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ବିଦ୍ୟତେ।” ବର୍ଷସାରା ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ, ରାଜକୀୟ ବିଳାସ, ବ୍ୟସନ, ପ୍ରାଚୁର୍ଯ୍ୟର ବି ଅଭାବ ନାହିଁ। କେତେବେଳେ ରାଜାରାଜେଶ୍ୱର ତ କେତେବେଳେ ସାଧାରଣ ଓଡ଼ିଆର ବେଶଭୂଷା, ଚଳଣି। କିନ୍ତୁ ସମସ୍ତ ସମ୍ପ୍ରଦାୟର ଭକ୍ତ ତାଙ୍କୁ ରତ୍ନସିଂହାସନରେ ଦର୍ଶନ କରି ପାରନ୍ତି ନାହିଁ। ମହାପ୍ରଭୁଙ୍କ ସୁନାବେଶ ଦେଖିବାରୁ ବଞ୍ଚିତ ହୁଅନ୍ତି। ସେମାନଙ୍କ ମନର ବେଦନା ମହାପ୍ରଭୁ ବୁଝନ୍ତି। ଆଷାଢ଼ ଶୁକ୍ଳ ଏକାଦଶୀରେ ଜଗବନ୍ଧୁ ମହଣ ମହଣ ସୁନାରେ ବିଭୂଷିତ ହୁଅନ୍ତି। ରଥଉପରେ ଏଇ ରାଜରାଜେଶ୍ୱର ବେଶକୁ ସନ୍ଦର୍ଶନ କରେ ସାରାବିଶ୍ୱ। ତନ୍ମୟ ହୋଇଯାଏ ଭକ୍ତଟି। ଜଗବନ୍ଧୁଙ୍କ ଏଇଟି ଅନନ୍ୟ ଲୀଳା।

ଜଗବନ୍ଧୁଙ୍କୁ ନନ୍ଦିଘୋଷରୂଢ଼, ତାଙ୍କୁ ବାମନ ରୂପରେ ଦର୍ଶନ କରେ ଭକ୍ତଟିଏ। ପାଇଯାଏ କୋଟି ଜନ୍ମର ପୁଣ୍ୟଫଳ, ଭବ ବନ୍ଧନରୁ ମୁକୁଳିଯାଏ। ଆଉ ଜଠର ଜଳରେ ନୁହେଁ; ଏବେ ବୈକୁଣ୍ଠରେ ନିବାସ। ମର୍ତ୍ତ୍ୟବୈକୁଣ୍ଠରୁ ଯାତ୍ରା ଗୋଲକଧାମକୁ, ସେଇଠି ଦେଖିବ ନିତ୍ୟ ବୃନ୍ଦାବନରେ, ମହାପ୍ରଭୁଙ୍କ ନିତ୍ୟରାସ। ଏଣିକି ରକୁଣାରଥ ଅଣ ଲେଉଟା, ନାହିଁ ପୁନର୍ଜନ୍ମ। ଅନୁରୂପ କଥାଟି ଲେଖିଛନ୍ତି କବିସମ୍ରାଟ୍ - “ସେ କମ୍ବୁକଟକ ରାଜା ନାମ ଜଗନ୍ନାଥ / ଚଉବର୍ଗେ ଚଉବର୍ଗ ଦେବାକୁ ସମର୍ଥ।”

ଜଗନ୍ନାଥ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର - ଏଇ ଚଉବର୍ଗକୁ ଜଗନ୍ନାଥ ସାଂସାରିକ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାନ କରନ୍ତି। ତାଙ୍କରି ପାଦରେ ପ୍ରଣତି ବାଢ଼ି ଜ୍ଞାନୀଟିଏ ତନ୍ମୟ ହୋଇ ପ୍ରାର୍ଥନା କରେ -

“ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ / ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ, / ଜଗଦାନନ୍ଦକନ୍ଦାୟ ପ୍ରଣତାର୍ତ୍ତି ହାରାୟଚ / ନୀଳାଚଳ ନିବାସାୟ ଜଗନ୍ନାଥାୟତେ ନମଃ।”

ଦୀନ, ହୀନ ଭକ୍ତଟିଏ, ଜଗବନ୍ଧୁଙ୍କୁ ମାଗୁନି ଅଣିମାଦି ଅଷ୍ଟରତ୍ନ, ଇନ୍ଦ୍ରପଦ ଅବା ନନ୍ଦନବନ ପାରିଜାତ, କୁବେର ସମ୍ପତ୍ତି, ଭକ୍ତ ବନମାଳୀ ଦାସଙ୍କ ପରି କେବଳ ମାଗୁଛି ‘ଶରଧା ବାଲିରୁ ହାତେ’। ଶ୍ରୀଛାମୁରେ ନିବେଦନ କରୁଛି, “ଏହି ଅଳି ଶ୍ରୀଛାମୁରେ ଦୀନବନ୍ଧୁ / ଏହି ଅଳି ଶ୍ରୀଛାମୁରେ / ଶ୍ରୀରଙ୍ଗ ଚରଣ ସେବାରେ ମୋ ମନ/ ରହିଥାଉ ନିରନ୍ତରେ / ଦାନାକନା ପଛେ ମନା ହେଉ ମୋତେ / ନୀଳଚକ୍ର ବାନା ଚାହିଁ / ସୁଖୀ ହେଉଥିବି ଅଖିଳ ପତିହେ ନିର୍ଦ୍ଦୟ ହୋଇବ ନାହିଁ।” କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ, କରନ୍ତି ପୂର୍ଣ୍ଣ ପ୍ରାଣୀ ମନୋରଥ। ଏମନ୍ତ ସାମନ୍ତ ତ୍ରିଭୁବନରେ ନାହିଁ ନାହିଁ ତ, ଜଗବନ୍ଧୁ ପରି ଜଣେ ସାମନ୍ତ!

# ପୂର୍ଣ୍ଣ ଶ୍ରୀ ଜଗନ୍ନାଥ, ନିରାକାର ପରଂବ୍ରହ୍ମ



ଡାକ୍ତର ଅଂଶୁମାନ କର
ଏନ୍-୧/୧୮୩, ନୟାପଲ୍ଲୀ
ମୋ. : ୯୭୭୮୦୩୦୪୯୪

ଓଡିଶା ଐତିହାସିକ ଓ ଭୌଗଳିକ ଦୃଷ୍ଟିରୁ ଭାରତ ବର୍ଷର ଏକ ବିସ୍ମୟ ରାଜ୍ୟ। ଅନେକ ଝଡ ବତାସ ସହି ମଧ୍ୟ ଏ ଜାତି ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ହରାଇ ନାହିଁ। ତେବେ ଏହାକୁ ଆଧ୍ୟାତ୍ମିକ ଚେତନା କୁହନ୍ତୁ ବା ସାଧାରଣ ଜ୍ଞାନ ଓଡିଶା ଅନନ୍ୟ ରାଜ୍ୟ, ଅନନ୍ତ ଏହାର ପରିକଳ୍ପନା ଏବଂ କଳିଯୁଗରେ ଏହା ହିଁ ଅନନ୍ତ ନାରାୟଣଙ୍କ ଅନନ୍ତ ଶୟନ ବାସସ୍ଥଳୀ। ଭାରତରେ ଶୈବ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ, ବେଦାନ୍ତୀ ଆଜି ଅନେକ ହିନ୍ଦୁ ବିଚାର ଧାରା ଅଛି , ମାତ୍ର ସବୁଠି ଗୋଟିଏ ଦେବତା କିନ୍ତୁ ଓଡ଼ିଶାର ଜଗନ୍ନାଥ ଧର୍ମ ଉକ୍ତ ସମସ୍ତ ପନ୍ଥଙ୍କ ଠାରୁ ଭିନ୍ନ। ତ୍ରିମୂର୍ତ୍ତିଙ୍କୁ ବୌଦ୍ଧମାନେ ଓ ହିନ୍ଦୁ ଧର୍ମର ବିଭିନ୍ନ ସମ୍ପ୍ରଦାୟର ଅନୁଗାମୀ ମାନେ ନିଜ ନିଜର ଆରାଧ୍ୟ ବୋଲି ସେମାନଙ୍କୁ ନିମ୍ନଲିଖିତ ପ୍ରକାରେ ଅଭିହିତ କରିଅଛନ୍ତି :-

**ବୌଦ୍ଧ ତାଙ୍କୁ କହିଛନ୍ତି-ବୁଦ୍ଧ, ସଂଘ ଓ ଧର୍ମ**
**ବୈଷ୍ଣବ ତାଙ୍କୁ କହିଛନ୍ତି- ଗୁରୁ, ଜୀବ ଓ କୃଷ୍ଣ**
**ପାଶୁପତ ମାନେ କହିଛନ୍ତି-ପଶୁ, ପାଶ ଓ ପାତି**
**ବେଦାନ୍ତୀମାନେ କହିଛନ୍ତି- ଈଶ୍ୱର, ମାୟା ଓ ବ୍ରହ୍ମ**

ସକ୍ଷାତ ପରଂବ୍ରହ୍ମ “ଯେ ଯଥା ମାଂ ପ୍ରପଦ୍ୟନ୍ତେ ପନ୍ତଥୈବ ଭଜାମ୍ୟହଂ’’ ନୀତିରେ ସାଦରେ ସେ ସବୁ ଅଭିଧା ଆତ୍ମସାତ୍ କରି ସମସ୍ତଙ୍କୁ ଅଭୟ ଦେଇଅଛନ୍ତି।

ତେବେ ଯଦି ସେ କେବଳ ପରଂବ୍ରହ୍ମ ହୋଇ ଥାନ୍ତେ ତାଙ୍କର କୌଣସି ରୂପ ନଥାନ୍ତା। ଅନେକ ପଣ୍ଡିତ ମାନେ ମତ ଦିଅନ୍ତି ଯେ ତ୍ରିମୂର୍ତ୍ତିରୁ ଚର୍ତୁଧା ମୂର୍ତ୍ତି ହେବାରେ ଜଗନ୍ନାଥଙ୍କ ପରିକଳ୍ପନାର ମୂଳ ସିଦ୍ଧାନ୍ତକୁ ପ୍ରାଧାନ୍ୟ ଦିଆଗଲା- “ପରଂବ୍ରହ୍ମ ଶ୍ରୀ ଜଗନ୍ନାଥ’ । କୌଣସି ମାନବୀୟ ଅଙ୍ଗ/ଚିତ୍ର ରହିତ କେବଳ ଏକ ସ୍ତମ୍ଭାକାର ଶ୍ରୀ ଶ୍ରୀ ସୁଦର୍ଶନ ହେଉଛନ୍ତି ସେହି ନିରାକାର ପରଂବ୍ରହ୍ମ। ତ୍ରିମୂର୍ତ୍ତିଙ୍କୁ ଯେତେବେଳେ ଶ୍ରୀ ଚୈତନ୍ୟ ମହାପ୍ରଭୁ କୃଷସଂଯୁକ୍ତ କରି ବିଶ୍ୱ ଦରବାରରେ ପ୍ରସିଦ୍ଧ କରାଇ ଦେଲେ, ସେତେ ବେଳେ ଶ୍ରୀକ୍ଷେତ୍ରର ନିରାକାର ପରଂବ୍ରହ୍ମ ହୋଇଗଲେ ପୂର୍ଣ୍ଣ ଶ୍ରୀ ଜଗନ୍ନାଥ। ଏହି କ୍ରମରେ ଅଷ୍ଟାଦଶ ଶତାବ୍ଦୀରେ ବନମାଳୀ ଦାସ ଲେଖିଲେ-

**“ମହାବାହୁ ! ଏହି କଥାରେ ମୋ ମନ**
**ନିତି ଦେଖୁଥିବି ନୀଳାଦ୍ରି ମଣ୍ଡପେ**
**କୁଞ୍ଜ ସୁନ୍ଦର ବଦନ।’’**

ପରଂବ୍ରହ୍ମଙ୍କ ‘କୁଞ୍ଜସୁନ୍ଦର’ ବଦନ ହେବା ଅସମ୍ଭବ ମାତ୍ର ସେହି ନିରାକାର ପରଂବ୍ରହ୍ମଙ୍କ ପୂର୍ଣ୍ଣ ସ୍ୱରୂପ ବା ପ୍ରତୀକ ଶ୍ରୀ ଜଗନ୍ନାଥଙ୍କ “କୁଞ୍ଜ ସୁନ୍ଦର ବଦନ” ଓ “କଳା ଶ୍ରୀମୁଖ” ହେବା ହେଉଛି ଜଗନ୍ନାଥ ସଂସ୍କୃତି ଓ ଚେତନାର ଅନନ୍ୟ ବ୍ୟତିକ୍ରମ। ସୁଭଦ୍ରାଙ୍କ ହାତ ନାହିଁ, ଜଗନ୍ନାଥ ଓ ବଳଭଦ୍ରଙ୍କ ଭୁଜ ଅଛି ମାତ୍ର ଅଙ୍ଗୁଳି ବିନା ତାହାଅପୂର୍ଣ୍ଣ, ପୁଣି ତିନି ଠାକୁରଙ୍କ ପାଦ ନାହିଁ, ମାତ୍ର ସୁନାବେଶ ଦିନ ଶ୍ରୀହସ୍ତ ଓ ଶ୍ରୀ ପୟର ପିନ୍ଧି ପ୍ରଭୁ ନିଜର ମାନବିକ ପୂର୍ଣ୍ଣତାର ପରିଚୟ ଦିଅନ୍ତି।

ଗୀତାରେ କୁହାଗଲା-

**“ସର୍ବତଃ ପାଣି ପାଦଂ ତତ୍ସର୍ବତୋ କ୍ଷିଶିରୋମୁଖମ୍**
**ସର୍ବତଃ ଶ୍ରୁତି ମଲ୍ଲୋକେ ସର୍ବମାବୃତ୍ୟ ନିଷ୍ଠତି ।।୧୩/୧୩**

ପରଂବ୍ରହ୍ମଙ୍କ ସକଳ ଦିଗରେ ହସ୍ତ ଓ ପାଦ ରହିଛି : ସକଳ ଦିଗରେ ନେତ୍ର, ଶିର ଓ ମୁଖ ରହିଛି : ସକଳ ଦିଗରେ କର୍ଣ୍ଣ ରହିଛି। କାରଣ ସେ ସମସ୍ତ ସଂସାରକୁ ବ୍ୟାପି ରହିଛନ୍ତି ଏହା ହେଲା ପରଂବ୍ରହ୍ମଙ୍କ ବିରାଟ ସ୍ୱରୂପ, ମାତ୍ର ଏହି ପରଂବ୍ରହ୍ମଙ୍କୁ ବି ନିଜର ସତ୍ୟତା ପ୍ରତିପାଦନ କରିବାକୁ ରୂପ ନେବାକୁ ପଡେ। ସାକାର ହେବାକୁ ପଡେ-

ଗୀତାରେ ପୁନଃ କୁହାଗଲା-

“ଜ୍ଞେୟଂ ଯତ୍ତତ୍ ପ୍ରବକ୍ଷ୍ୟାମି ଯଜ ଜ୍ଞାନତ୍ୱାମୃତମଶ୍ନୁତେ
ଅନାଦି ମଣରଂ ବହ୍ମ ନ ସତ୍ତନ୍ନା ସ ଦୁ ଚ୍ୟ ତେ ।। ୧୨/୧୩ ଶ

ଯାହା ଜାଣିବାର ଯୋଗ୍ୟ ତଥା ଯାହାକୁ ଜାଣି ମନୁଷ୍ୟ ପରମାନନ୍ଦ ପ୍ରାପ୍ତ ହୁଏ। ତାହା ମୁଁ ଭଲ ରୂପେ ବୁଝାଇ ଦେବି। ସେହି ଅନାଦି ପରମ ବ୍ରହ୍ମକୁ ସତ୍ ବୋଲି କୁହାଯାଇ ପାରିବ ନାହିଁ, କି ଅସତ୍ ବୋଲି କୁହାଯାଇ ପାରିବ ନାହିଁ। ତେଣୁ ସେହି ନିରାକାରଙ୍କୁ ପୂର୍ଣ୍ଣ ସ୍ୱରୂପ ଦେଇ ମାନବ ସମାଜ ଆଗରେ ଉପସ୍ଥାପିତ କରିବା କୌଣସି ସନ୍ଥ ବା ସାଧୁଙ୍କ ନିଜସ୍ୱ ବିଦ୍ୟା ହୋଇ ନପାରେ। ଏହାର ଈଶ୍ୱର ପ୍ରଦତ୍ତ ପରଂଦିବ୍ୟ ଜ୍ଞାନର ପରିଣାମ-

**“କଦାଚିତ୍ କାଳିନ୍ଦୀ ତଟ- ବିପିନ- ସଙ୍ଗୀତ କରବେ ।**
**ମୁଦାଭୀରୀ ନାରୀ- ବଦନ କମଳା- ସ୍ୱାଦ ମଧୁପଃ**
**ଚୁମା-ଶମ୍ଭୁ-ବ୍ରହ୍ମା ମରପତି ଗଣେଶାର୍ଚ୍ଚିତ ପଦେ**
**ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବ ତୁମେ ।**

ଶ୍ରୀ ଶ୍ରୀ ମହାପ୍ରଭୁ ଚୈତନ୍ୟଙ୍କ ଏହି ଜଗନ୍ନାଥ ଚରିତ ଏକ ପରମ ଭକ୍ତଙ୍କ ମାଧ୍ୟମରେ ସେଇ ପରଂବ୍ରହ୍ମ ହିଁ ନିଜର ସ୍ୱରୂପ ବର୍ଣ୍ଣନା କରିଛନ୍ତି। ତେଣୁ ଗୀତାରେ କୁହାଗଲା-

**ଅବିଭକ୍ତଂ ଚ ଭୂତେଷୁ ବିଭକ୍ତ ମିବ ଚ ସ୍ଥିତମ୍**
**ଭୂତଭର୍ତ୍ତୃ ଚ ଜତ୍‌ଜ୍ଞେୟଂ ଗ୍ରସିଷ୍ଣୁ ପ୍ରଭ ବିଷ୍ଣୁଚ।**

ଅର୍ଥାତ୍-ସେହି ମରମାତ୍ମା ଅବିଭକ୍ତ ରୂପରେ ଆକାଶ ସଦୃଶ ପରିପୂର୍ଣ୍ଣ ହୋଇଥିଲେ ବି ଚରାଚର ସମସ୍ତ ଭୂତ ଗଣଙ୍କ ଭିତରେ ବିଭକ୍ତ ହୋଇ ରହିଥିବା ପରି ପ୍ରତୀତ ହୁଅନ୍ତି। ପୁଣି ସେହି ଜ୍ଞେୟ ପରମାତ୍ମା ବିଷ୍ଣୁ ରୂପରେ ଭୂତ ଗଣଙ୍କର ଧାରଣ-ପୋଷଣ କର୍ତ୍ତା, ରୁଦ୍ରରୂପରେ ସଂହାର କର୍ତ୍ତା। ତଥା ବ୍ରହ୍ମା ରୂପରେ ସମସ୍ତଙ୍କ ସୃଷ୍ଟି କର୍ତ୍ତା। ସମସ୍ତ ଚର୍ଚ୍ଚାର ଶେଷ ନଷ୍କର୍ଷ ଏହା ଯେ ଯେଉଁ ଅଧା ଗଢା ଜଗନ୍ନାଥଙ୍କୁ ଆମେ ପରଂବ୍ରହ୍ମଙ୍କ ପ୍ରତୀକ ବୋଲି କହୁଛେ ପ୍ରକୃତରେ ସେ ହେଉଛନ୍ତି ନିରାକାର ପରଂବ୍ରହ୍ମଙ୍କ ପୂର୍ଣ୍ଣ ସ୍ୱରୂପ। ‘ଜୟ ଜଗନ୍ନାଥ’

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy**  E-mail : sambadkalikanews@gmail.com  City Office : Qtr No.-4R-12, Unit-IX (Flat), Bhubaneswar, Pin-751022  ସମ୍ପାଦକ : **ଜୟାଶୀଷ ରାୟ**

# ଆଇପିଏଲ୍‌ରେ ଦଳ ବଦଳାଇବେ ଅଶ୍ୱିନ, ଧୋନୀଙ୍କ ଟିମ୍‌କୁ ଫେରିବା ନେଇ ଦେଲେ ବଡ଼ ସଙ୍କେତ



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଆଇପିଏଲ୍‌ରେ ଏବେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳୁଛନ୍ତି। ଏହାପୂର୍ବରୁ ଅନେକ ବର୍ଷ ଯାଏ ସେ ମହେନ୍ଦ୍ର ସିଂହ ଧୋନୀଙ୍କ ଟିମ୍ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳୁଥିଲେ। ଚଳିତ ବର୍ଷ ଶେଷରେ ଆଇପିଏଲ୍‌ର ମେଗା ଅକ୍ସନ ହେବାକୁ ଯାଉଛି। ତା ପୂର୍ବରୁ ସେ ପୁଣିଥରେ ଚେନ୍ନାଇ ଫେରିବାର ସଙ୍କେତ ଦେଇଛନ୍ତି। ନିକଟରେ ସେ ତାମିଲନାଡୁର ସେଲମରେ ଥିବା ସିଏସ୍‌କେ ଏକାଡେମୀ ଗସ୍ତ କରିଥିଲେ। ସେ ଏକାଡେମୀର ପିଲାଙ୍କ ସହ ଆଲୋଚନାର ଭିଡିଓ ସେୟାର କରିଛନ୍ତି । ଏଣୁ ସେ ଫେରିବା ନେଇ ଚର୍ଚ୍ଚା ଜୋର ଧରିଛି।

ଚେନ୍ନାଇ ସୁପର କିଙ୍ଗ୍ସ ତାମିଲନାଡୁ ସମେତ ବିଦେଶରେ ଥିବା ପିଲାମାନଙ୍କ ଲାଗି ଅନେକ ହାଇ ପର୍ଫମାନ୍ସ ସେଣ୍ଟର କରିଛି। ଏହି ଏକାଡେମୀରେ ଯୁବ କ୍ରିକେଟରମାନଙ୍କୁ ଟ୍ରେନିଂ ଦିଆଯାଉଛି। ଗତ ମାସରେ ସିଏସ୍‌କେ ସିଇଓ କାଶୀ ବିଶ୍ୱନାଥନ ଅଶ୍ୱିନଙ୍କୁ ଏହାର ହେଡ୍ କରିଥିଲେ। ସେବେଠାରୁ ତାଙ୍କର ପୁନର୍ବାର ଦଳକୁ ଫେରିବା ନେଇ ଆଲୋଚନା ହେଉଛି।

ଅପରପକ୍ଷେ ଖୁବ୍‌ଶୀଘ୍ର ମେଗା ଅକ୍ସନ ହେବ। ଏଥିରେ ଅଶ୍ୱିନଙ୍କ ରିଟେନ୍ ହେବାର ସମ୍ଭାବନା କମ୍ ରହିଛି । ଏଣୁ ଯଦି ରାଜସ୍ଥାନ ତାଙ୍କୁ ଅକ୍ସନକୁ ଛାଡ଼ି ଦିଏ ତେବେ ସିଏସ୍‌କେ ପାଇଁ ତାଙ୍କୁ କିଣିବା ସହଜ ହୋଇଯିବ।

# ପ୍ରଥମ ଟି-୨୦: ଭାରତଙ୍କୁ ୧୩ ରନ୍‌ରେ ହରାଇଲା ଜିମ୍ବାୱେ

**ହରାରେ**

ଜିମ୍ବାୱେ ଗସ୍ତରେ ଯାଇଥିବା ଟିମ ଇଣ୍ଡିଆ ପ୍ରଥମ ଟି-୨୦ ମ୍ୟାଚ୍‌ରେ ୧୩ ରନ୍‌ରେ ପରାଜିତ ହୋଇଛି । ଦୁଇ ଦଳ ହରାରେର ହରାରେ ସ୍ପୋର୍ଟସ କ୍ଲବ୍‌ଠାରେ ଖେଳାଯାଉଥିବା ପ୍ରଥମ ଟି-୨୦ରେ ମୁହାଁମୁହିଁ ହୋଇଥିଲେ। ଭାରତୀୟ ଅଧିନାୟକ ଶୁଭମାନ ଗିଲ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ।

ଜିମ୍ବାୱେ ଦଳ ଅଧିନାୟକ ସିକନ୍ଦର ରଜାଙ୍କ ନେତୃତ୍ୱରେ ବ୍ୟାଟିଂ ଆରମ୍ଭ କରିଥିଲା । ଧାର୍ଯ୍ୟ ୨୦ ଓଭରରେ ଜିମ୍ବାୱେ ଦଳ ୯ ୱିକେଟ ହରାଇ ୧୧୫ ରନ କରିଥିଲା। ଫଳରେ ଟିମ ଇଣ୍ଡିଆ ପାଇଁ ବିଜୟ ଲକ୍ଷ୍ୟ ୧୧୬ରନ ରହିଥିଲା।

ଧାର୍ଯ୍ୟ ଲକ୍ଷ୍ୟର ପିଛା କରି ଟିମ ଇଣ୍ଡିଆ ୧୯.୫ ଓଭରରେ ୧୦ ୱିକେଟ ହରାଇ ୧୦୨ ରନ କରିଥିଲା। ଟିମ ଇଣ୍ଡିଆ ପକ୍ଷରୁ ଶୁଭମାନ ଗିଲ ୩୧ ରନ କରିଥିବା ବେଳେ ଋତୁରାଜ ଗାଇକୱାଡ ୭ ରନ କରିଥିଲେ। ସେହିପରି ରିୟାନ ପରାଗ ୨, ଧ୍ରୁଭ ଜୁରେଲ ୭, ୱାଶିଂଟନ ସୁନ୍ଦର ୨୭ , ରବି ବିଶ୍ନୋଇ ୯ , ଆବେଶ ଖାନ ୧୬ ରନ କରିଥିଲେ। ୩ ଜଣ ବ୍ୟାଟସ ମ୍ୟାନ କୌଣସି ରନ ନ କରି ପାଭିଲିୟନ ଫେରିଥିଲେ।

ଅପରପକ୍ଷରେ ଜିମ୍ବାୱେ ପକ୍ଷରୁ ସେଲି ମାଡେଭେର ୨୧ ରନ କରିଥିବାବେଳେ ବ୍ରାଏନ ବେନେଟ ୨୩ ରନ କରିଥିଲେ। ସେହିପରି ସିକନ୍ଦର ରଜା ୧୭ , ଡିଅନ ମାୟର୍ସ ୨୩, କ୍ଲିଭ ମାଡାଣ୍ଡେ ୨୯ , ଲୁକ ଜୋଙ୍ଗୱେ ୧ ରନ କରିଥିଲେ। ୪ ଜଣ ବ୍ୟାଟସ ମ୍ୟାନ କେଣସି ରନ ନ କରି ପାଭିଲିୟନ ଫେରିଥିଲେ।



# ମ୍ୟାଚ ଫିକ୍ସିଂ: ୬ ବର୍ଷ ବାସନ୍ଦ ହେଲେ ଖେଳାଳି



**ଲଣ୍ଡନ**

ବୋସନିଆ-ହର୍ଜଗୋଭିନାର ଜଣେ ପୂର୍ବତନ ଟେନିସ ଖେଳାଳିଙ୍କୁ ୬ ବର୍ଷ ବାସନ୍ଦ କରାଯାଇଛି। ସେ ମ୍ୟାଚ ଫିକ୍ସିଂ କାର୍ଯ୍ୟକଳାପରେ ଲିପ୍ତ ଥିବା ସ୍ୱୀକାର କରିବା ପରେ ତାଙ୍କୁ ଏହି ଦଣ୍ଡ ବିଧାନ କରାଯାଇଥିବା ଖେଳର ଇଣ୍ଟିଗ୍ରିଟି ୟୁନିଟ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଏହି ଟେନିସ ଖେଳାଳିଙ୍କ ନାମ ୩୩ ବର୍ଷୀୟା ଜସ୍ମିନା ଟିନ୍‌ଜିକ୍ ୨୦୧୩ରେ ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୨୩୬ତମ ର୍‌ୟାଙ୍କିଂ ହାସଲ କରିଥିଲେ । ୨୦୧୭ରୁ ୨୦୧୮ରେ ସେ ମ୍ୟାଚ ଫିକ୍ସିଂ କାର୍ଯ୍ୟକଳାପରେ ଲିପ୍ତ ରହିଥିବା ଇଣ୍ଟରନ୍ୟାସନାଲ ଟେନିସ ଇଣ୍ଟିଗ୍ରିଟି ୟୁନିଟ୍ (ଆଇଟିଆଇଏ) କହିଛି।

ମ୍ୟାଚ ଫଳାଫଳକୁ ପ୍ରଭାବିତ କରିବା, ବେଟିଂ କାର୍ଯ୍ୟରେ ସହାୟତା କରିବା, ଅର୍ଥ ପ୍ରଲୋଭନରେ ମ୍ୟାଚରେ ଭଲ ନ ଖେଳିବା ଏବଂ ତାଙ୍କୁ ଦୁର୍ନୀତି କାର୍ଯ୍ୟକଳାପରେ ଲିପ୍ତ ପାଇଁ ପ୍ରଭାବିତ କରାଯାଇଥିବା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅବଗତ ନ କରାଇବା ଅଭିଯୋଗ ହୋଇଛି। ମ୍ୟାଚ ଫିକ୍ସିଂ ତଦନ୍ତ ଆରମ୍ଭ ପରଠାରୁ ଟିନ୍‌ଜିକ୍ ପୂର୍ବରୁ ନିଜ ଦେଶର ଟେନିସ ଆସୋସିଏସନ ଦ୍ୱାରା ସାଢେ ଚାରି ବର୍ଷ ବାସନ୍ଦ ହୋଇ ସାରିଛନ୍ତି।

# ଚେସ୍ ଗ୍ରାଣ୍ଡମାଷ୍ଟର ଜିଆଉର ରେହମାନଙ୍କ ପରଲୋକ

**ଢାକା**

ବାଂଲାଦେଶର ଟପ ଚେସ ଗ୍ରାଣ୍ଡମାଷ୍ଟର ଖେଳ ସମୟରେ ମୃତ୍ୟୁବରଣ କରିଛନ୍ତି । ବାଂଲାଦେଶର ସବୁଠାରୁ ପ୍ରସିଦ୍ଧ ଚେସ ଗ୍ରାଣ୍ଡମାଷ୍ଟର ଜିଆଉର ରେହମାନଙ୍କ ୫୦ ବର୍ଷ ବୟସରେ ଦେହାନ୍ତ ହୋଇଛି । ବାଂଲାଦେଶ ଜାତୀୟ ଚାମ୍ପିଅନସିପ ସମୟରେ ଏକ ମ୍ୟାଚ ଖେଳୁଥିବାବେଳେ ରେହମାନଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ହୃଦ୍‌ଘାତ ହୋଇଥିବା ଜଣାପାଡିଛି। ବାଂଲାଦେଶ ଚେସ ଫେଡେରେସନର ସେକ୍ରେଟେରୀ ଜେନେରାଲ ଶାହାବ



ଉଦ୍ଦିନ ଶାମିମ କହିଛନ୍ତି, ରେହମାନ୍ ତାଙ୍କର ୧୨ଟି ମ୍ୟାଚ ରାଉଣ୍ଡରେ ସାଥୀ ଗ୍ରାଣ୍ଡମାଷ୍ଟର ଏନାମୁଲ ହୋସେନଙ୍କ ବିପକ୍ଷରେ ଖେଳୁଥିଲେ। ହଠାତ୍ ଚେତାଶୂନ୍ୟ ହେବା ପରେ ତାଙ୍କୁ ତୁରନ୍ତ ଢାକା ଡାକ୍ତରଖାନା ନିଆଯାଇଥିଲା, କିନ୍ତୁ ସେଠାରେ ଥିବା ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

# କୋହଲିଙ୍କ ଠାରୁ ଏମିତି କଥା ଶୁଣି ଖୁସି ହୋଇଗଲେ ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ**

ଟି -୨୦ ବିଶ୍ୱକପ ଟ୍ରଫି ଜିତିବା ପରେ ଟିମ ଇଣ୍ଡିଆର ଖେଳାଳିମାନେ ଭାରତରେ ପହଞ୍ଚିଥିଲେ। ଭାରତୀୟ ଖେଳାଳିଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖେଳାଳିଙ୍କୁ ଭେଟିଥିଲେ। ଏହା ପରେ ପ୍ରଧାନମନ୍ତ୍ରୀ ମୋଦି ରୋହିତ ଶର୍ମା, ବିରାଟ କୋହଲି ଏବଂ ଅନ୍ୟ ଖେଳାଳିଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ମୋଦି ବିରାଟ କୋହଲିଙ୍କୁ ପଚାରିଥିଲେ ପୂରା ଟୁର୍ଣ୍ଣାମେଣ୍ଟ ଆପଣଙ୍କ ପାଇଁ ଭଲ ନ ଥିଲା, ତେବେ ଫାଇନାଲକୁ ନେଇ କଣ ଭାବିଥିଲେ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶ୍ନର ଉତ୍ତରରେ ବିରାଟ କୋହଲି କହିଥିଲେ, ଭଲ କଥା ହେଉଛି ଏଠାରେ ବହୁତ ସମୟ ପାର୍ଥକ୍ୟ ଅଛି, ତେଣୁ ମୁଁ ମୋ ପରିବାର ସହ ଅଧିକ କଥାବାର୍ତ୍ତା କରି ନ ଥିଲି। ମୋ ମା ଅତ୍ୟଧିକ ଟେନସନ ନିଅନ୍ତି। ମୁଁ ଯାହା କରିବାକୁ ଚେଷ୍ଟା କରିଥିଲି ତାହା ଘଟି ନ ଥିଲା। ଯେତେବେଳେ ଜଣେ ଭାବିନେବ ଯେ ମୁଁ ଏହା କରିବି, ତେବେ ସେତେବେଳେ କୌଣସି ସ୍ଥାନରେ ମନରେ ଅହଂକାର ଆସେ। ଅହଂକାରକୁ ଉପରେ ରଖିଲେ ଖେଳ ତୁମଠାରୁ ଦୂରେଇ ଯାଏ। ମ୍ୟାଚର ପରିସ୍ଥିତି ଏପରି ଥିଲା ଯେ ମୋର ଅହଂକାରକୁ ଉପରେ ରଖିବା ପାଇଁ କୌଣସି ସ୍ଥାନ ନ ଥିଲା। ଦଳର ସ୍ୱାର୍ଥ ପାଇଁ ଏହାକୁ ପଛରେ ପକାଇବାକୁ ପଡିଲା। ଖେଳକୁ ଯେତେବେଳେ ସମ୍ମାନ ଦେଲି, ସେହି ଦିନ ଖେଳ ମଧ୍ୟ ସମ୍ମାନ ପ୍ରଦାନ ଦେଲା। ଫାଇନାଲ ମ୍ୟାଚରୁ ସାର୍ ମୁଁ ଏହି ଅଭିଜ୍ଞତା ପାଇଲି। କୋହଲିଙ୍କୁ ଏହି କଥା ଶୁଣି ପ୍ରଧାନମନ୍ତ୍ରୀ ମୋଦି ଖୁସି ହୋଇଯାଇ ଶୁଭେଚ୍ଛା ଜଣାଇଥିଲେ।

ଟି -୨୦ ବିଶ୍ୱକପ ଜିତିବା ପରେ ଭାରତୀୟ ଦଳର ଖେଳାଳିମାନେ ଦିଲ୍ଲୀରେ ପହଞ୍ଚିଥିଲେ ଯେଉଁଠାରେ ପ୍ରଧାନମନ୍ତ୍ରୀ ମୋଦି ରୋହିତ ଶର୍ମା, ବିରାଟ କୋହଲି ଏବଂ ଅନ୍ୟ ଖେଳାଳିଙ୍କୁ ଭେଟିଥିଲେ।

# ରାହୁଲ ଦ୍ରାବିଡଙ୍କୁ କୋଚ କରିବା ପାଇଁ ପ୍ରସ୍ତାବ ଦେଲେ ପାକିସ୍ତାନ ସାମ୍ବାଦିକ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳ ସହ କୋଚ ଭାବରେ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହୋଇଛି । ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ମଧ୍ୟରେ ଟିମ ଇଣ୍ଡିଆ ଟି -୨୦ ବିଶ୍ୱକପ ଟ୍ରଫି ଜିତିଥିଲା। ଏହାପୂର୍ବରୁ ଏହା ଏକଦିବସୀୟ ବିଶ୍ୱକପ ଫାଇନାଲରେ ପହଞ୍ଚିଛି। କିନ୍ତୁ ବର୍ତ୍ତମାନ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏହି ସମୟରେ ପାକିସ୍ତାନୀ କ୍ରୀଡ଼ା ସାମ୍ବାଦିକ ଇମ୍ରାନ ସିଦ୍ଦିକି ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ସେ ରାହୁଲ ଦ୍ରାବିଡଙ୍କୁ ପାକିସ୍ତାନୀ କୋଚ କରିବା ବିଷୟରେ କହିଛନ୍ତି। ସେ ଏହା ମଧ୍ୟ ଲେଖିଛନ୍ତି ଯେହେତୁ ରାହୁଲ ଦ୍ରାବିଡ ବେକାର ଅଛନ୍ତି, ତେଣୁ ପିସିବି ତାଙ୍କୁ ପାକିସ୍ତାନର କୋଚ ଭାବରେ ନିଯୁକ୍ତ କରିବା ଉଚିତ କି?

ଏହି ପୋଷ୍ଟ ପରେ ପାକିସ୍ତାନୀ କ୍ରୀଡ଼ା ସାମ୍ବାଦିକ ଇମ୍ରାନ ସିଦ୍ଦିକିଙ୍କୁ ଅନେକ ଟ୍ରୋଲ କରାଯାଉଛି। ଜଣେ ୟୁଜର୍ସ ଏହି ଟୁଇଟ୍‌ରେ ଲେଖିଛନ୍ତି ଭାଇଜାନ, ଆପଣଙ୍କ ଦେଶ ସେ ଖାଉଥିବା ମଲ୍ଟିଗ୍ରେନ ଅଟା ଦେବାକୁ ସକ୍ଷମ ହେବେ ନାହିଁ । ଅନ୍ୟ ଜଣେ ଲେଖିଛନ୍ତି ପାକିସ୍ତାନ କ୍ରିକେଟ ଦଳର କୋଚ ହେବା ଅପେକ୍ଷା ବେକାର ରହିବା ଭଲ।

ନିକଟରେ ପାକିସ୍ତାନ ଦିନିକିଆ ଏବଂ ଟି-୨୦ରେ ମୁଖ୍ୟ କୋଚ ଦାୟିତ୍ୱ ଗ୍ୟାରି କିର୍ଷ୍ଟନଙ୍କୁ ଦେଇଛି । ଗ୍ୟାରି କିର୍ଷ୍ଟନଙ୍କ କୋଚିଂରେ ଭାରତ ଦିନିକିଆ ବିଶ୍ୱକପ ୨୦୧୧ ଜିତିଥିଲା। ଏହା ବ୍ୟତୀତ ଜେସନ ଗିଲସେପି ପାକିସ୍ତାନୀ ଟେଷ୍ଟ ଦଳର କୋଚ ଅଟନ୍ତି । ଟି-୨୦ବିଶ୍ୱକପରେ ବାବର ଆଜମଙ୍କ ନେତୃତ୍ୱରେ ପାକିସ୍ତାନୀ ଦଳ ନିଜେ ଲିଗ ପର୍ଯ୍ୟାୟ ରାଉଣ୍ଡରେ ହଟିଯାଇଥିଲା।









30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ଜୁଲାଇ ୨୦୨୪ ରବିବାର





# ପଶୁ ଚିକିତ୍ସାକେନ୍ଦ୍ରକୁ ମନ୍ତ୍ରୀଙ୍କ ଅଚାନକ ପରିଦର୍ଶନ, ଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

 କ୍ଷମତାକୁ ଆସିବା ପରେ ଆକ୍ସନ ମୋଡରେ ମୋହନ ସରକାର । ଶନିବାର ବିଜେପି ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଭାଗୀୟ ତଦନ୍ତ ପାଇଁ ଅଚାନକ ଗସ୍ତ କରିଥିଲେ । ଶନିବାର ସକାଳ ସମୟରେ ହଠାତ ପରିଦର୍ଶନ କରିବାକୁ ସହିଦନଗର ସ୍ଥିତ ପଶୁ ଚିକିତ୍ସା କେନ୍ଦ୍ରକୁ ଆସିଥିଲେ । ଚିକିତ୍ସାକେନ୍ଦ୍ରକୁ ବୁଲି ଦେଖିବା ସହିତ ସ୍ଥିତି ପରଖିଥିଲେ ଓ ତା'ସହିତ ନୂତନ ବିଲଡ଼ିଂ ପରିଦର୍ଶନ କରିଥିଲେ ବିଭାଗୀୟ ମନ୍ତ୍ରୀ । ଏହା ସହିତ ଡ୍ୟୁଟି ଖିଲାପକାରୀମାନଙ୍କୁ ମନ୍ତ୍ରୀ କଡ଼ା ଚେତାବନୀ ଦେଇଥିଲେ। ଶୂନ୍ୟ ସହନଶୀଳତା ନୀତିରେ ହେବ କାର୍ଯ୍ୟାନୁଷ୍ଠାନ । ସେହିଭଳି ଦାୟିତ୍ୱରେ ଅବହେଳା ଏବଂ ଅନିୟମିତତା କଲେ କଡ଼ା ଆକ୍ସନ ହେବା ନେଇ ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଡ୍ୟୁଟିରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ । ସାରା ରାଜ୍ୟରେ ସରପ୍ରାଇଜ ଭିଜିଟକୁ ଜୋରଦାର କରାଯିବ। ସହିଦନଗର ସ୍ଥିତ ଉପଖଣ୍ଡ ସ୍ତରୀୟ ପ୍ରାଣୀ ଚିକିତ୍ସାଳୟକୁ ଅଚାନକ ଗସ୍ତ କରି ଏମିତି ନିର୍ଦ୍ଦେଶ ଦେଇଛନ୍ତି ମତ୍ସ୍ୟ ଏବଂ ପଶୁ ସମ୍ପଦ ମନ୍ତ୍ରୀ ଶ୍ରୀ ମଲ୍ଲିକ ।



ପରିବେଶ ଓ ଭିତ୍ତିଭୂମିକୁ ନେଇ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ । ମେଡିକାଲରେ ନିଜ ପାଳିତ ପଶୁମାନଙ୍କୁ ଆଣିଥିବା ଲୋକଙ୍କୁ ଚିକିତ୍ସା ସେବା କେମିତି ମିଳୁଛି, ସେ ନେଇ ଆଲୋଚନା କରିଥିଲେ । ଚିକିତ୍ସାଳୟରେ କେମିତି ସେବା ମିଳୁଛି, ଆଉ କ'ଣ ଆବଶ୍ୟକତା ଅଛି, ସେ ନେଇ ମଧ ମେଡିକାଲ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି ମନ୍ତ୍ରୀ । ସେ ଆହୁରି କହିଥିଲେ, ଯେ ବିଗତ ସରକାରରେ ଏସବୁ ନଥିଲା, ହେଲେ ମୋହନ ସରକାରରେ ସବୁ କାର୍ଯ୍ୟରେ ତଦାରଖ ନିଜେ ମନ୍ତ୍ରୀମାନେ କରିବେ । ଓଡ଼ିଶା ସାରା ସବୁ ବଡ ବଡ ପ୍ରାଣୀ ଚିକିତ୍ସାଳୟକୁ ପରିଦର୍ଶନ କରିବେ ମନ୍ତ୍ରୀ । କେମିତି ଚାଲିଛି ଚିକିତ୍ସାଳୟ ତା'ର ତଦାରଖ କରିବା ସହିତ କେମିତି ଭଲ ସୁବିଧା ମିଳିପାରିବ ଚିକିତ୍ସାରେ ତା'ଉପରେ ଆଲୋଚନା କରିବେ ବିଭାଗୀୟ ମନ୍ତ୍ରୀ । ପୂର୍ବରୁ ଅଚାନକ ସ୍କୁଲ ପରିଦର୍ଶନ କରି ବିଦ୍ୟାଳୟର ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ସହ ପିଲାମାନଙ୍କୁ ପାଠ ପଢାଇଥିଲେ ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଶ୍ରୀ ମଲ୍ଲିକ । ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଅଚାନକ ବ୍ରହ୍ମପୁରର ପାତାଳସିଙ୍ଗି ଗ୍ରାମର ଅଚାନକ ଆଶ୍ରମ ବିଦ୍ୟାଳୟରେ ପହଞ୍ଚି ବିଭିନ୍ନ ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ । ବିଦ୍ୟାଳୟର ବିଭିନ୍ନ ବ୍ୟବସ୍ଥାକୁ ଅନୁଧ୍ୟାନ କଲା ପରେ ଶେଷରେ ବିଦ୍ୟାର୍ଥୀଙ୍କୁ ପାଠ ପଢାଇବା ସହ ଖୁସି ଅନୁଭବ କରିଥିଲେ ।

# କେବଳ ନାମ ଓ ରଙ୍ଗ ନବଦଳାଇ ସାଢେ ଚାରିକୋଟି ଓଡିଆଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରୁ ବିଜେପି ସରକାର: ବିଜେଡି

**ଭୁବନେଶ୍ୱର, ୬/୭ ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ିର ବରିଷ୍ଠ ନେତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ ଓ ଶ୍ରୀମତୀ ଲୋପାମୁଦ୍ରା ବକ୍ସିପାତ୍ର ନବୀନ ସରକାରଙ୍କ ବିଭିନ୍ନ ଲୋକପ୍ରିୟ ଯୋଜନା ଗୁଡିକର ନାମ ଓ ରଙ୍ଗ ପରିବର୍ତ୍ତନକୁ ନେଇ ଶନିବାର ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀମତୀ ମଲ୍ଲିକ କହିଥିଲେ, ସୁଶାସନ ଓ ପରିବର୍ତ୍ତନର ନାରା ଦେଇ ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର କୌଣସି ନୂଆ ଯୋଜନା ଆରମ୍ଭ କରିବା ପରିବର୍ତ୍ତେ ବିଜେଡି ଦ୍ୱାରା ଆରମ୍ଭ କରା ଯାଇଥିବା ଲୋକପ୍ରିୟ ଯୋଜନା ଗୁଡିକର ନାମ ପରିବର୍ତ୍ତନ କରୁଥିବା ଦେଖିବାକୁ ମିଳୁଛି । ବିଜେଡି ସରକାରଙ୍କ ଦ୍ୱାରା ପ୍ରଣୟନ କରା ଯାଇଥିବା ଲୋକପ୍ରିୟ ଲକ୍ଷ୍ମୀ ବସ୍ ସେବା ଯୋଜନାର ନାମ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା କରାଯାଇଛି । ସେହିପରି ମୋ' ବସ୍ ଯୋଜନାର ମଧ ନାମ ପରିବର୍ତ୍ତନ କରାଯାଇ ଆମ ବସ୍ ରଖାଯାଇଛି । ଲକ୍ଷ୍ମୀ ବସର ରଙ୍ଗ ମଧ ଗେରୁଆ ରଙ୍ଗକୁ ପରିବର୍ତ୍ତନ କରା ଯାଇଥିବା ଦେଖିବାକୁ ମିଳୁଛି। ଉଲ୍ଲେଖଯୋଗ୍ୟ, ବସ ଗୁଡିକର ରଙ୍ଗ ଠିକ ଥିଲେ



ମଧ ତା'ର ରଙ୍ଗ ପରିବର୍ତ୍ତନର କାରଣ ଜନ ସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଲକ୍ଷ୍ମୀ ବସ୍ ଗୁଡିକର ରଙ୍ଗ ପରିବର୍ତ୍ତନ କାହା ନିର୍ଦ୍ଦେଶରେ କରାଯାଉଛି ତାହା ସ୍ପଷ୍ଟ ହୋଇ ପାରିନାହିଁ । ମାତ୍ର ୬ ମାସ ତଳେ ଆସିଥିବା ବସ୍ ଗୁଡିକର ରଙ୍ଗ ଠିକ ଥିବା ବେଳେ ନୂତନ ରଙ୍ଗଦେବା ପାଇଁ ଅର୍ଥ ବ୍ୟୟ କରିବା କେତେଦୂର ଯୁକ୍ତିଯୁକ୍ତ ଓ କାହା ନିର୍ଦ୍ଦେଶରେ ବସ୍ ଗୁଡିକର ରଙ୍ଗ ପରିବର୍ତ୍ତନ କରାଯାଉଛି ତାହା ରାଜ୍ୟ ସରକାର ସ୍ପଷ୍ଟ କରିବା ଉଚିତ ।

ସେହିପରି ଶ୍ରୀମତୀ ବକ୍ସିପାତ୍ର କହିଥିଲେ ଯେ, ବିଜେଡି ସରକାରଙ୍କ ଦ୍ୱାରା ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରା ଯାଇଥିବା ସମୟରେ ବିଜେପି ତରଫରୁ ଏହା ଅର୍ଥନୈତିକ ଦୃଷ୍ଟିକୋଣରୁ ସଫଳ ହେବ ନାହିଁ। ତେଣୁ ଏହା ଅତି ଶୀଘ୍ର ବନ୍ଦ ହୋଇଯିବ ବୋଲି କୁହା ଯାଇଥିଲା । ଲକ୍ଷ୍ମୀ ବସ୍ ଯୋଜନାକୁ ସମାଲୋଚନା କରି ଆସୁଥିବା ବିଜେପି ସରକାରକୁ ଆସିବା ପରେ କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରି ନିଜର ଯୋଜନା ଭାବେ ବାହାଦୁରି ନେବାକୁ ଅପଚେଷ୍ଟା କରୁଛି। ବିଜେପି ସରକାର ଏହି ନାମ ଓ ରଙ୍ଗ ପରିବର୍ତ୍ତନ କାର୍ଯ୍ୟରୁ ନିବୃତ ରୁହନ୍ତୁ । ନବୀନ ସରକାରଙ୍କ ଅନେକ ଯୋଜନା ଓଡ଼ିଶାର ଘରେ ଘରେ ଲୋକପ୍ରିୟ । ବିଜେପିର ଏହି ହୀନ ଉଦ୍ୟମ ଓଡ଼ିଶାବାସୀଙ୍କ ଦ୍ୱାରା ଗ୍ରହଣୀୟ ହେବ ନାହିଁ । ଜନସାଧାରଣଙ୍କୁ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର, ଯଦି ଆଗାମୀ ଦିନରେ ସେ ସବୁ ପ୍ରତିଶ୍ରୁତି ପାଳନ କରିବା ଦିଗରେ କାର୍ଯ୍ୟ ନକରି ପୁରୁଣା ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନରେ ବ୍ୟସ୍ତ ରୁହେ, ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇ ବିଜେପି ସରକାରଙ୍କୁ ଉଚିତ ଜବାବ ଦେବ । ରତ୍ନଭଣ୍ଡାର ପ୍ରସଙ୍ଗରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମତୀ ମଲ୍ଲିକ କହିଥିଲେ ରତ୍ନଭଣ୍ଡାର ଖୋଲିବା ନେଇ କୌଣସି ରାଜନୈତିକ ଦଳ ତରଫରୁ ବିରୋଧ କରାଯାଇ ନାହିଁ। ସରକାର ଆନ୍ତରିକତାର ସହିତ ରତ୍ନଭଣ୍ଡାର ଖୋଲି ଏହାର ଗଣତି ମଣତି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଉଦ୍ୟମ କରନ୍ତୁ । ରାଜ୍ୟ ସରକାର ଜଗନ୍ନାଥଙ୍କୁ ନେଇ କୌଣସି ପ୍ରକାର ରାଜନୀତି କରନ୍ତୁ ନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି...

ଦଇତାପତି ସର୍ବାଙ୍ଗ, ବନ୍ଦାପନା, ୪ଟାରେ ନେତ୍ରୋତ୍ସବ ବନ୍ଦାପନା, ୪ଟାରେ ରୋଷହୋମ, ୪ଟା ୧୫ରେ ରାଜନୀତି, ୪ଟା ୪୫ରେ ଯାତ୍ରାଙ୍ଗୀ ମହାସ୍ନାନ, ୪ଟା ୫୦ରେ ମଇଲମ, ୫ଟା ୧୦ରେ ଘଣ୍ଟ ଛତା ସର୍ବାଙ୍ଗ, ୫ଟା ୧୦ରେ ସୂର୍ଯ୍ୟପୂଜା, ୫ଟା ୨୫ରେ ଦ୍ୱାରପାଳ ପୂଜା, ୫ଟା ୪୫ରେ ବେଶ ଶେଷ, ସକାଳ ୬ଟା ରୁ ୭ଟାରେ ଗୋପାଳବଲ୍ଲଭ ଓ ସକାଳଧୂପ, ୭ଟା ୩୦ ରୁ ୧୨ଟା ୩୦ରେ ସେନାପଟାଲାଗି, ୧୧ଟାରେ ରଥ ପ୍ରତିଷ୍ଠା, ୧ଟାରେ ମଙ୍ଗଳାର୍ପଣ, ୧ଟା ୧୦ରେ ପହଣ୍ଡି ଆରମ୍ଭ, ୨ଟା ୩୦ରେ ପହଣ୍ଡି ଶେଷ, ୩ଟାରେ ମଦନମୋହନ, ଶ୍ରୀରାମ, ଶ୍ରୀକୃଷ୍ଣ ବିଜେ, ୪ଟାରେ ଛେରାପହଁରା, ୪ଟା ୩୦ରେ ଚାରଫିଟା ଓ ଘୋଡ଼ା ସାରଥି ଲାଗିବା, ୫ ଟାରେ ରଥ ଟଣା ହେବାର ସୂଚନା ଦିଆଯାଇଛି।

## ସମାଜସେବା, ସାହିତ୍ୟ...

ଜାତୀୟତାବାଦ ଓ ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ କରୁଥିଲେ। ତାଙ୍କର କବିତା ଓ ଗଦ୍ୟ ଦେଶପ୍ରେମ ଓ ବିଶ୍ୱ କଲ୍ୟାଣର ବାର୍ତ୍ତା ଦେଇଥାଏ। ସେ ଓଡ଼ିଆ ଗୌରବ ତଥା ଭାରତୀୟ ଜାତୀୟତାବାଦପ୍ରତି ଉତ୍ସର୍ଗୀକୃତ ଥିଲେ। ପଣ୍ଡିତ ଗୋପବନ୍ଧୁ ଲେଖିଥିଲେ ମୁଁ ଭାରତରେ ଯେଉଁଠି ବି ଅଛି, ବିଶ୍ୱାସ କରିବା ଉଚିତ ଯେ ମୁଁ ଘରେ ଅଛି। ଗୋପବନ୍ଧୁଙ୍କ ଏହି ଚିନ୍ତାଧାରାରୁ ପ୍ରେରଣା ନେବା ଉଚିତ ବୋଲି ରାଷ୍ଟ୍ରପତି କହିଥିଲେ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଉତ୍କଳମଣି ଥିଲେ ଓଡ଼ିଆ ଜାତିର ଉତ୍ଥାନ ଓ ସ୍ୱାଭିମାନର ସୂତ୍ରଧର। ଦେଶର ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ। ସ୍ୱାର୍ଥ ବିହୀନ ସେବା ଓ ପରୋପକାରର ମହିମାମଣ୍ଡିତ ମହାପୁରୁଷ। ଓଡ଼ିଶାକୁ ଜାତୀୟ ଚେତନାର ସୂତ୍ରରେ ବାନ୍ଧିବା ସହିତ ଓଡ଼ିଆ ସାହିତ୍ୟର ବିକାଶ ଓ ଓଡ଼ିଶାରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖି ଯାଇଛନ୍ତି । ସେ ସମୟରେ ଓଡ଼ିଶାରେ ସାମାଜିକ ସଂସ୍କାର ଓ ନାରୀ ଶିକ୍ଷାର ପ୍ରସାର କ୍ଷେତ୍ରରେ ସେ ଅଗ୍ରଣୀ ଭୂମିକା ନେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀର ବନ ବିଦ୍ୟାଳୟ ସେ ସମୟରେ ଥିଲା ଏକ ମଣିଷ ତିଆରି କାରଖାନା । ଏହା ଏକ ସାଧାରଣ ସ୍କୁଲ ନଥିଲା, ଏହା ଥିଲା ଅଶିକ୍ଷା ଓ ଜାତି ପ୍ରଥା ବିରୋଧରେ ଏକ ବିରାଟ ଆନ୍ଦୋଳନ। ଏହା ଥିଲା ସମାଜ ସଂସ୍କାର ପାଇଁ ଏକ ମହାନ ଉଦ୍ୟମ। ସେ ଆନ୍ଦୋଳନର ଫଳ ସ୍ୱରୂପ ଆଜି ଓଡ଼ିଶା ଭେଦଭାବ ବିହୀନ, ଭାଇ ଚାରାରେ ବିଶ୍ୱାସ ରଖୁଥିବା ଏକ ଆଦର୍ଶ ରାଜ୍ୟ ହୋଇ ଛିଡା ହୋଇପାରିଛି।

ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସମ୍ବାଦପତ୍ର 'ସମାଜ' ଆଜି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ଲୋକଶକ୍ତିକୁ ପ୍ରତିଷ୍ଠା କରି ଚାଲିଛି। ସମାଜ ଆଜି କେବଳ ଏକ ସମ୍ବାଦପତ୍ର ନୁହେଁ, ସମାଜ ହେଉଛି ଓଡ଼ିଆ ଲୋକଙ୍କ ସାମାଜିକ ଚେତନାର ବାର୍ତ୍ତାବହ । ବର୍ଷ ବର୍ଷ ଧରି ସମାଜ ଆମ ଜ୍ଞାନ ଓ ଚେତନାକୁ ଜାଗ୍ରତ କରି ଚାଲିଛି। ବର୍ଷ ତମାମ ଏହି ସମ୍ବାଦପତ୍ର ନିରପେକ୍ଷ ଖବର ପରିବେଷଣ ସହିତ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକ ବେଳେ ରିଲିଫ ବଣ୍ଟନ କରି ସମାଜସେବାର ମହନୀୟ ନିଦର୍ଶନ ପ୍ରଦର୍ଶନ କରୁଅଛି।

ଗୋପବନ୍ଧୁ ଥିଲେ ଗରିବ ଲୋକର ପ୍ରକୃତ ବନ୍ଧୁ। ଗରିବ ଓ ଅସହାୟ ଲୋକଙ୍କ ପାଇଁ ତାଙ୍କର ହୃଦୟ କାନ୍ଦୁଥିଲା ତାଙ୍କ ଦରଦୀ ହୃଦୟର କାହାଣୀ ଆଜି ବି ଲୋକ କଥା ରେ ବଞ୍ଚି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ତ୍ୟାଗ, ସେବା, ସ୍ୱାଭିମାନ, ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ପଣ୍ଡିତ ଗୋପବନ୍ଧୁ। ଓଡ଼ିଆ ଜାତିର ଅସ୍ମିତା ଓ ଆବେଗକୁ ବୁଝିବାକୁ ହେଲେ ତାଙ୍କର ଜୀବନ କାହାଣୀକୁ ବୁଝିବା ପାଇଁ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ସମାଜ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ।

## ୯ରେ ଶ୍ରୀମନ୍ଦିରର ...

୯ ତାରିଖରେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଏହି ଚାବିକୁ କମିଟି ଆଗରେ ରଖିବେ । ଚାବି ଉପସ୍ଥାପନ ପରେ ରତ୍ନଭଣ୍ଡାର ଖୋଲାଯିବା ନେଇ ନିଷ୍ପତ୍ତି ହେବ।

ସେ ଆହୁରି କହିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ୧୮ଜଣ ସଦସ୍ୟଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ରତ୍ନଭଣ୍ଡାର ସମ୍ପର୍କୀତ ସମସ୍ତ ଦିଗକୁ ଅନୁଧ୍ୟାନ କରାଯିବା ସହ ସମସ୍ତ ନଥିପତ୍ର ଯାଞ୍ଚ କରାଯାଇଛି। ଏହା କରାଯିବା ପରେ କମିଟି କିଛି ନିଷ୍ପତ୍ତିରେ ଉପନୀତ ହୋଇଛି। ରତ୍ନଭଣ୍ଡାରର ଡୁପ୍ଲିକେଟ ଚାବି ଥିବା ସ୍ପଷ୍ଟ ହୋଇଛି। ଏହାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅନୁଧ୍ୟାନରେ ଅଣାଯିବ ଏବଂ ରତ୍ନଭଣ୍ଡାର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି । କିନ୍ତୁ ଯେହେତୁ ଚାବି ଦୀର୍ଘ ଦିନର ହେଲାଣି ତେଣୁ ଏଥିରେ ହୁଏତ କଳଙ୍କି ଲାଗିଥାଇପାରେ। ଯଦି ଏହି ଚାବିରେ ରତ୍ନଭଣ୍ଡାର ନଖୋଲେ ତାହେଲେ ତାଲା ଭଙ୍ଗାଯିବ। ଏନେଇ ସରକାରଙ୍କୁ ଜଣାଇଦେବା ପରେ ତାଙ୍କ ପକ୍ଷରୁ ଯେଉଁ ଏସଓପି ଜାରି କରାଯିବ, ଯାହାକୁ ନେଇ ନିଷ୍ପତ୍ତି କାର୍ଯ୍ୟକାରୀ ହେବ।

ଏହାପରେ ପ୍ରଥମ କାମ ଭାବେ ରତ୍ନଭଣ୍ଡାରର ମରାମତି କରାଯିବ । ଏହାପରେ ସେଠାରେ ଥିବା ବହୁମୂଲ୍ୟ ଅଳଙ୍କାରର ଗଣତି ମଣତି କରାଯିବ। କିନ୍ତୁ ମରାମତି କାମ ପାଇଁ ଆବଶ୍ୟକ ପଡ଼ିଲେ ସୁନା ଅଳଙ୍କାରକୁ କେଉଁଠାରେ ସୁରକ୍ଷିତ ରଖାଯିବ ତାହା ମଧ ଗୁରୁତ୍ୱପୂର୍ଣ୍ଣ । ତେବେ ଗଣତି ମଣତି ପାଇଁ ଜଣେ ଦକ୍ଷ ବଣିଆଙ୍କୁ ଅଣାଯିବ। ଯିଏକି ଅଳଙ୍କାରଗୁଡ଼ିକର ସଠିକ ଓଜନ କରିବା ସହ ଅଳଙ୍କାର ଗୁଡ଼ିକର ଚରିତ୍ର ନିର୍ଦ୍ଧାରଣ କରିପାରିବେ।

ସୂଚନାଯୋଗ୍ୟ, ଓଡ଼ିଶା ଉଚ୍ଚ ନ୍ୟାୟଳୟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ନବଗଠିତ ରତ୍ନଭଣ୍ଡାର ଯାଞ୍ଚ କମିଟିର ପ୍ରଥମ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆ କମିଟିର ସଦସ୍ୟ ଡା. ସି ବି କେ ମହାନ୍ତି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ସାହୁ, ଅବସରପ୍ରାପ୍ତ ଆଇଏଏସ ଜଗଦୀଶ ମହାନ୍ତି, ଅବସରପ୍ରାପ୍ତ ଆଇପିଏସ ପ୍ରକାଶ ମିଶ୍ର, ହରିହର ହୋତା, ଗଜପତି ମହାରାଜାଙ୍କ ପ୍ରତିନିଧି, ଏଏସ୍ଆଇ ପ୍ରତିନିଧି, ସେବାୟତ ମଧୁସୂଦନ ସିଂହାରୀ, ଛତିଶାନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ଜଗନ୍ନାଥ ଦାସମହାପାତ୍ର, ସୌମେନ୍ଦ୍ର ମୁଦଲି, ପୁରୀ ଜିଲ୍ଲାପାଳ ସଦସ୍ୟ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆବାହକ ପ୍ରମୁଖ ଉପସ୍ଥିତ ରହିଥିଲେ। କେବଳ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବିଦେଶରେ ଥିବା କାରଣରୁ ବୈଠକରେ ଅନୁପସ୍ଥିତ ଥିଲେ।

# ୨୨ରୁ ବିଧାନସଭା ଅଧିବେଶନ : ୨୫ରେ ପୂର୍ଣ୍ଣାଙ୍ଗ ବଜେଟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତମାସ ୨୨ ତାରିଖରୁ ଆରମ୍ଭ ହେବ ବିଧାନସଭାର ବଜେଟ୍ ଅଧିବେଶନ । ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୨୭ଟି କାର୍ଯ୍ୟ ଦିବସ ରହିଛି । ରାଜ୍ୟପାଳଙ୍କ ସମ୍ବୋଧନରୁ ଆରମ୍ଭ ହେବାକୁ ଥିବା ଏହି ଅଧିବେଶନରେ ୨୫ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ମଧ ଉପସ୍ଥାପନ ହେବ । ମୋହନ ସରକାରର ପ୍ରଥମ ବିଧାନସଭା ଅଧିବେଶନ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନରେ ସମୁଦାୟ ୨୭ଟି କାର୍ଯ୍ୟ ଦିବସ ରହିଛି। ଏ ନେଇ ବିଧାନସଭା ସଚିବ ଦାଶରଥି ଶତପଥୀ ବିଧାନସଭା ସଦସ୍ୟ, ସଦସ୍ୟା, ସମସ୍ତ ବିଭାଗର ସଚିବଙ୍କୁ ସୂଚନା ଦେଇଛନ୍ତି । ବିଧାନସଭା ସଚିବଙ୍କ ପକ୍ଷରୁ ଜାରି ହୋଇଥିବା କାର୍ଯ୍ୟସୂଚୀ ଅନୁସାରେ, ସାମ୍ବିଧାନିକ ପରମ୍ପରା ଅନୁସାରେ, ଜୁଲାଇ ୨୨ ତାରିଖରେ ରାଜ୍ୟପାଳ ରଘୁବର ଦାସ ଗୃହରେ ଅଭିଭାଷଣ ରଖିବେ । ନୂଆ ସରକାରଙ୍କ ଆଭିମୁଖ୍ୟ, ଯୋଜନା ବାବଦରେ ରାଜ୍ୟପାଳଙ୍କ ଅଭିଭାଷଣରୁ ସ୍ପଷ୍ଟ ସୂଚନା ମିଳିବ । ୨୩ ତାରିଖରେ ଉପବାଚସ୍ପତି ନିର୍ବାଚନ ଘୋଷଣା ହେବ । ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ୨୩ ଓ ୨୪ ତାରିଖ ଦୁଇଦିନ ଚର୍ଚ୍ଚା ହେବ। ୨୪ ତାରିଖରେ ଉପବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ । ୨୫ ତାରିଖରେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪/୨୫ ଆର୍ଥିକ ବର୍ଷ ଲାଗି ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ କରିବେ । ୨୬ ତାରିଖରେ ଅନ୍ୟାନ୍ୟ ଅଫିସିଆଲ କାର୍ଯ୍ୟକ୍ରମ ଥିବା ବେଳେ ୨୭ ଓ ୨୮ ତାରିଖ ଶନିବାର ଓ ରବିବାର ପଡୁଥିବାରୁ ଛୁଟି ରହିବ ବିଧାନସଭା। ସେହିପରି ଜୁଲାଇ ୨୯ରୁ ୩୧ ତାରିଖ ଯାଏଁ ବଜେଟ ଉପରେ ସାଧାରଣ ଆଲୋଚନା ହେବ । ଅଗଷ୍ଟ ୧ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଧାନସଭା ଅଧିବେଶନ ବନ୍ଦ ରହିବ । ଅଗଷ୍ଟ ୨୦ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟରେ ବିଧାନସଭାର ଅଧିବେଶନ ଆରମ୍ଭ ହେବ । ସେହିଦିନ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ ହେବ। ୨୧ ତାରିଖରୁ ବିଭାଗୀୟ ବଜେଟ ଅନୁଦାନ ଉପରେ ଆଲୋଚନା ହୋଇ ପାରିତ ହେବ । ଅଗଷ୍ଟ ୨୪ ଓ ୨୫ ଯଥାକ୍ରମେ ଶନିବାର ଓ ରବିବାର ଥିବାରୁ ବିଧାନସଭା ଛୁଟି ରହିବ । ସେହିପରି ୨୬ ତାରିଖ ଜନ୍ମାଷ୍ଟମୀ ଲାଗି ଛୁଟି ରହିବ । ଅଗଷ୍ଟ ୩୧ ତାରିଖ ଶନିବାରକୁ ଛାଡିଦେଲେ ଅନ୍ୟ ଶନିବାର ଓ ରବିବାର ବିଧାନସଭା ଛୁଟି ରହିବ । ସେପ୍ଟେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରୀ ରହିବ । ସେପ୍ଟେମ୍ବର ୧୦ ତାରିଖରେ ଚଳିତ ଆର୍ଥିକବର୍ଷର ବ୍ୟୟ ମଞ୍ଜୁରୀ ବିଲ୍ ଉପସ୍ଥାପିତ ହେବ । ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ପ୍ରାଇଭେଟ ମେମ୍ବର୍ସ ବିଲ୍ ପାଇଁ ଉଦ୍ଦିଷ୍ଟ ରହିଛି । ସେହିପରି ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଲାଗି ଗ୍ରୁପ, ତାରିଖ ଓ ବିଭାଗ ଧାର୍ଯ୍ୟ ମଧ ହୋଇଛି । ଏହା ପୂର୍ବରୁ ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନରେ ନବନିର୍ବାଚିତ ସଦସ୍ୟମାନେ ଶପଥ ପାଠ କରିସାରିଛନ୍ତି । ଚଳିତଥର ବିଜେପିକୁ ଶାସକ ଭୂମିକାରେ ଓ ଦୀର୍ଘ ଅଢେଇ ଦଶନ୍ଧି ଧରି କ୍ଷମତା ଭୋଗ କରିଥିବା ବିଜେଡିକୁ ବିରୋଧୀ ଆସନରେ ଦେଖିବାକୁ ମିଳିବ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିରୋଧୀ ଦଳ ନେତା ଭୂମିକାରେ ନଜର ଆସିବେ ।

## ୧୦ରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା : ୭୪ହଜାର ଶିକ୍ଷାର୍ଥୀ ଦେବେ ପରୀକ୍ଷା

**କଟକ, ନ୍ୟୁଜ ବ୍ୟୁରୋ**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି (ପିଏସ୍ଏସ୍‌ଟି) ୨୦୨୩ ପରୀକ୍ଷା ଆସନ୍ତା ୧୦ରେ ହେବ ବୋଲି ସୂଚନା ମିଳିଛି । ପରୀକ୍ଷା ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀ ବୋର୍ଡ଼ୱେବ୍‌ସାଇଟ୍ www.bseodisha.ac.inରୁ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ । ରାଜ୍ୟର ୫୩୨ଟି ସେଣ୍ଟରରେ ପ୍ରାୟ ୭୪ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଦୁଇଟି ପର୍ଯ୍ୟାୟ ଯଥା ଷ୍ଟେଜ୍ -୧ ଓ ଷ୍ଟେଜ୍ ୨ରେ, ଜୁଲାଇ ୧୦ ତାରିଖ ସକାଳ ୮ଟାରୁ ୧୧ଟା ମଧ୍ୟରେ ପରୀକ୍ଷା ହେବ । ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ସେଣ୍ଟରରେ ପହଞ୍ଚିବେ । ଷଷ୍ଠ ଓ ନବମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହି ମେଧାବୃତ୍ତି ପରୀକ୍ଷା ଦେବେ । ପରୀକ୍ଷାର୍ଥୀମାନେ ସେମାନଙ୍କ ନାମ, ବାପାଙ୍କ ନାମ ସହ ରେଜିଷ୍ଟ୍ରେସନ୍ ନମ୍ବର ଦେଇ ବୋର୍ଡ ୱେବସାଇଟ୍‌ରୁ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ ବୋଲି ବୋର୍ଡ ସୂତ୍ରରୁ ଜଣାପଡ଼ିଛି।

## ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରୁ ଓଡ଼ିଶା ଆସିବେ ୫ ମହାବଳ ବାଘ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଆସିବେ ୫ ମହାବଳ ବାଘ। ଡେବ୍ରିଗଡ଼ ଅଭୟାରଣ୍ୟ ପାଇଁ ୩ଟି ଓ ଶିମିଳିପାଳ ପାଇଁ ୨ଟି ମହାବଳ ବାଘ ଆସିବେ। ଅଗଷ୍ଟ ଶେଷ ସୁଦ୍ଧା ଦେବ୍ରିଗଡ଼ ପାଇଁ ୩ଟି ଏବଂ ଅକ୍ଟୋବର ଶେଷ ସୁଦ୍ଧା ଶିମିଳିପାଳ ପାଇଁ ୨ଟି ମହାବଳ ବାଘ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରୁ ଆସିବେ। ଓଡ଼ିଶାର ଅଭୟାରଣ୍ୟରେ ମହାବଳ ବାଘବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏଥି ପାଇଁ ବାହାର ରାଜ୍ୟରୁ ମହାବଳ ବାଘ ଆଣିବେ। ସମୁଦାୟ ୫ଟି ମହାବଳ ବାଘ ଓଡ଼ିଶା ଆସିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସାହସିକତା ପାଇଁ ଓଡିଆ ପୁଅ ପାଇଲେ ଶୌର୍ଯ୍ୟଚକ୍ର ସମ୍ମାନ

**ନୂଆଦିଲ୍ଲୀ, ନ୍ୟୁଜ ବ୍ୟୁରୋ**

ସାହସିକତା ପାଇଁ ଓଡ଼ିଆ ପୁଅ ତଥା ନୌସେନାରେ କାର୍ଯ୍ୟରତ ଲେଫ୍ଟନାଂଟ ବିମଳ ରଞ୍ଜନ ବେହେରାଙ୍କୁ ପ୍ରଦାନ କରାଯାଇଛି ଶୌର୍ଯ୍ୟଚକ୍ର ସମ୍ମାନ। ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ। ସେ ୨୦୧୯ରେ ନୌସେନାରେ ଯୋଗ ଦେଇଥିଲେ। ଲେଫ୍ଟନାଣ୍ଟ ବିମଳ ରଞ୍ଜନ ବେହେରା ଏବେ ବିଶାଖାପାଟଣାରେ କାର୍ଯ୍ୟରତ ଅଛନ୍ତି। ମାର୍ଚ୍ଚ ୨୦୨୩ରେ ଓଏନଜିସି, ଇନ୍ଧନ ଉତ୍ପାଦନ ସଂରକ୍ଷଣ ଓ ଅଫଲୋଡିଂ ଜାହାଜରେ ଅପରେସନାଲ୍ ଏମର୍ଜେନ୍ସୀ ନେଇ ରିପୋର୍ଟ କରିଥିଲା। ଜାହାଜର ଇନ୍ଧନ ଉତୋଳନ ବ୍ୟବସ୍ଥାରେ ମାଛଧରା ଜାଲ ଫସିଯିବାରୁ ହଠାତ୍ କାର୍ଯ୍ୟ ବନ୍ଦ କରିବାକୁ ପଡ଼ିଥିଲା। ଏଥିପାଇଁ ଭାରତୀୟ ନୌସେନାର ସହାୟତା ଲୋଡା ଯାଇଥିଲା। ଜଣେ ଲିଡ୍ ଡ୍ରାଇଭର ଭାବରେ ନିର୍ଭୀକ ହୋଇ ଆଗକୁ ବଢ଼ିଥିଲେ ଲେଫ୍ଟନାଣ୍ଟ ବିମଳ ରଞ୍ଜନ ବେହେରା। ଯେଉଁଠି ଜାହାଜ ଫସିଥିଲା, ସେଠାରେ କିଛି ଫୁଟ ଗଭୀରତା ପର୍ଯ୍ୟନ୍ତ ଡ୍ରାଇଭିଂ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ଥିଲା। ତଥାପି ଡ୍ରାଇଭିଂ ଅପରେସନରେ ଯାଇଥିଲେ ଲେଫ୍ଟନାଣ୍ଟ ବିମଳ ରଞ୍ଜନ ବେହେରା। ବ୍ୟକ୍ତିଗତ ସୁରକ୍ଷାକୁ ଭ୍ରୂକ୍ଷେପ ନକରି ଯେଉଁ ବୀରତ୍ୱ ଓ ସାହସିକତା ଦେଖାଇଥିଲେ। ସେଥିପାଇଁ ଲେଫଟନାଣ୍ଟ ବିମଳ ରଞ୍ଜନ ବେହେରାଙ୍କୁ ସମ୍ମାନଜନକ ଶୌର୍ଯ୍ୟଚକ୍ର ପ୍ରଦାନ କରାଯାଇଛି।

# ରଥଯାତ୍ରା ପାଇଁ ପୁରୀରେ ସେବା ଶିବିର ଉଦ୍‌ଘାଟନ କଲେ ରାଜ୍ୟପାଳ

## ପବିତ୍ର ରଥଯାତ୍ରାରେ ଶ୍ରଦ୍ଧାଳୁ ଭକ୍ତମାନଙ୍କର ସେବା କରିବା ସ୍ୱେଚ୍ଛାସେବୀମାନଙ୍କ ପାଇଁ ମହାର୍ଘ ଅବସର - ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱେଚ୍ଛାସେବୀ ସଂଗଠନମାନେ ହେଉଛନ୍ତି ସମାଜ ସେବାର ଆତ୍ମା। ଅନ୍ୟର ସେବା କରିବା ଦ୍ୱାରା ଯାହା ପୁଣ୍ୟ ମିଳିଥାଏ ତାହାର ବିକଳ୍ପ ନାହିଁ। ପରୋପକାର ପାଇଁ ସମର୍ପିତ ବ୍ୟକ୍ତି ସର୍ବଦା ସଫଳ ହୋଇଥାନ୍ତି। ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ପାବନକ୍ଷେତ୍ର ପୁରୀଠାରେ ଦେଶ ଏବଂ ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀଠାରେ ସମବେତ ହେଉଥିବାରୁ ସେହି ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ସେବା ଯୋଗାଇଦେବା ସ୍ୱେଚ୍ଛାସେବୀମାନଙ୍କ ପାଇଁ ମହାର୍ଘ ଅବସର ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶନିବାର ଦିନ ରାଜ୍ୟ ସରକାର, ସେଂଟ୍ ଜନ୍ ଆମ୍ବୁଲାନ୍ସ, ଭାରତୀୟ ରେଡ୍‌କ୍ରସ୍ ସଂସ୍ଥା ଏବଂ ଭାରତ ସ୍କାଉଟ୍ ଆଣ୍ଡ ଗାଇଡସ୍‌ଙ୍କ ମିଳିତ ଆନୁକୂଲ୍ୟରେ ପୃଥକ ପୃଥକ ଭାବେ ଆୟୋଜିତ ସେବା ଶିବିରକୁ ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଶ୍ରୀ ଦାସ ଏହି ମତବ୍ୟକ୍ତ କରିଛନ୍ତି। ସ୍ୱେଚ୍ଛାସେବୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି ଉଦ୍‌ବୋଧନ ଛଳରେ ରାଜ୍ୟପାଳ କହିଥିଲେ ଯେ, ଦେଶ ବିଦେଶରୁ ଶ୍ରଦ୍ଧାଳୁ ଭକ୍ତମାନେ ଆନନ୍ଦ ମନରେ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଦେଖିବା ପାଇଁ ପୁରୀ ଆସିଥାନ୍ତି। ସମସ୍ତ ଭକ୍ତ ଯେପରି ସୁସ୍ଥ ରହିବେ ତାହା ଆମର ପ୍ରାଥମିକତା । କିନ୍ତୁ ଯଦି କୌଣସି ପରିସ୍ଥିତି ଉପୁଜେ ତେବେ ସେମାନଙ୍କ ସେବାରେ ଯେପରି ବିଳମ୍ବ ହେବ ନାହିଁ ସେଥିପାଇଁ ଜାଗ୍ରତ ରହିବା ଆବଶ୍ୟକ। ଓଡ଼ିଶାର ଅସ୍ମିତା, ସମାଜ ସେବା ଓ ସମାଜ ସଂସ୍କାରର ସମୃଦ୍ଧ ପରଂପରା ରହିଛି। ସେବା କ୍ଷେତ୍ରରେ ସମର୍ପିତ ହୋଇ କିପରି ସମାଜ ସେବା କରାଯାଏ- ଉତ୍କଳମଣି ଗୋପବନ୍ଧୁ ଦାସ ଏହାର ଜ୍ୱଳନ୍ତ ଉଦାହରଣ। ଏଣୁ ପ୍ରତ୍ୟେକ ସ୍ୱେଚ୍ଛାସେବୀ ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଜଣାଇଥିଲେ। ସ୍ୱେଚ୍ଛାସେବୀମାନଙ୍କଠାରେ ଅପାର ଶକ୍ତି ଓ ପ୍ରତିଭା ରହିଛି। ସେହି ପ୍ରତିଭାର ସଫଳ ଉପଯୋଗ କରି ସଫଳତାର ଶୀର୍ଷକ ସାଜି ସମାଜ ସେବାର ଅନନ୍ୟ ଉଦାହରଣ ସୃଷ୍ଟି କରିପାରିବେ ବୋଲି ରାଜ୍ୟପାଳ ଆଶା ପୋଷଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଆୟୋଜିତ ସେଂଟ୍ ଜନ୍ ଆମ୍ବୁଲାନସ୍‌ର ୩୪ତମ ଜାତୀୟ ସେବା ଶିବିରକୁ ଉଦ୍‌ଘାଟନ କରି ରାଜ୍ୟପାଳ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ସେଂଟ୍ ଜନ୍ ଆମ୍ବୁଲାନ୍ସର ଚେୟାରମ୍ୟାନ ଡ଼.ମୁକେଶ ମହାଲିଙ୍ଗ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଡି.ଆଇ.ଜି ଅଫ୍ ପୋଲିସ୍ (ଫାୟାର୍ ଆଣ୍ଡ ଏସେନ୍‌ସିଆଲ ସର୍ଭିସ, ହୋମଗାର୍ଡସ୍) ରାଜେଶ ପଣ୍ଡିତ ଯୋଗଦେଇଥିଲେ। ସେଂଟ୍ ଜନ୍ସ ଆମ୍ବୁଲାନ୍ସର ଅତିରିକ୍ତ କମିଶନର କାଳୀ ପ୍ରସାଦ ମିଶ୍ର ବିବରଣୀ ଉପସ୍ଥାପନ କରିଥିବାବେଳେ ଅବୈତନିକ ସଂପାଦକ ନିଧି କୁମାର ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଆୟୋଜିତ, ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟଶାଖା ଆନୁକୂଲ୍ୟରେ ଆୟୋଜିତ ସାମାଜିକ ସେବା ଶିବିରକୁ ରାଜ୍ୟପାଳ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଯୁଥ ରେଡ୍‌କ୍ରସର କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ସୂର୍ଯ୍ୟବଂଶୀ ସୁରଜ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଡ଼.ମୁକେଶ ମହାଲିଙ୍ଗ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟଶାଖାର ଅବୈତନିକ ସଂପାଦକ ବିଭୂତି ଭୂଷଣ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହାପରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରେ ଭାରତ ସ୍କାଉଟସ୍ ଓ ଗାଇଡସ୍ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସେବା ଶିବିରକୁ ରାଜ୍ୟପାଳ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଇଥିଲେ। ଭାରତ ସ୍କାଉଟସ୍ ଓ ଗାଇଡସ୍‌ର ଷ୍ଟେଟ୍ ଚିଫ୍ କମିସନର ତଥା ଜାତୀୟ ଉପସଭାପତି ଡ଼. କାଳୀପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

Email ID- cuttackrw2nd@yahoo.co.in
Telephone/Fax no – 0671-2445119

O-94

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION –II ,CUTTACK
AT/PO- Nayabazar, Chauliaganj, Dist- Cuttack, PIN-753004

e-procurement Notice for Building Works

Bid Identification No. SECTC-II-02 of 2024-25 dt. 04.07.2024

| | | | |
|---|---|---|---|
| 1. | Number of the work | :- | 03(Three) number of Buildings |
| 2. | Estimated Cost. (Approx) | :- | Rs.93.91 lakh to Rs.95.91 lakh |
| 3. | Period of completion | :- | 09 (Nine) calendar months |
| 4. | Date & time of sale & receipt of bid document online | :- | From: 19.07.2024 at 11:00 AM To: 02.08.2024 at 4:00 PM |
| 5. | Date & time of opening of bids | :- | 03.08.2024 at 11:30 AM |
| 6. | Date & time of opening of financial bid | :- | To be intimated later on. |
| 7. | Name and address of Inviting Officer | :- | O/o the Superintending Engineer, R. W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

OIPR-25095/11/0002/2425
Executive Engineer,
R.W. Division-II, Cuttack

A-128

OFFICE OF THE SUPERINTENDING ENGINEER,
MINOR IRRIGATION DIVISION, DHENKANAL
No. 2025/Dt. 30.06.2024
e- Procurement Notice
Bid Identification No.- DMID/02/2024-25
e-mail ID: eemidkl@yahoo.co.in

The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works 86 detailed in the Annexure to this bid notice.

| | |
|---|---|
| Name of the work: | Civil works in Different Blocks of Dhenkanal District under the ERM Scheme for the year 2024-25. |
| No. of Works: | 12 (Tweive) Nos. Only |
| Estimated Cost: | Varies from 8.00 lakhs to 34.00 lakh (Approximately) |
| Cost of Tender Paper: | 4000/- to 6000/- (Non-refundable) |
| Period of Completion: | 03(Three) Calendar months |
| Availability of bid documents for sale and receipt through on-line | From dt.08.07.2024, 10.00 A.M, to dt.22.07.2024, up to 5.00 P.M. |
| Last date / time of receipt of bids in the portal | 22.07.2024 (5.00PM) |
| Date of Technical bid opening through online | On dt.23.07.2024 at 11.00 AM in the Office of the S.E, M.I. Division, Dhenkanal. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division. Dhenkanal. At/PO/District - Dhenkanai. Ph.No / Fax No.-06762-224461, Email ID:eemidki@yahoo.co.in |
| Further details can be seen from the e-Procurement market place. http://tendersorissa.gov.in | |

OIPR-32027/11/0004/2425
Superintending Engineer,
M.I.Division, Dhenkanal

ଭୁବନେଶ୍ୱର
୭ ଜୁଲାଇ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24




ପୁରୀ : ରବିବାର ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ଶ୍ରୀକ୍ଷେତ୍ର । ଶ୍ରୀଜୀଉଙ୍କ ୩ ରଥର ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ରଥକୁ ଅଣାଯାଉଛି ଆଜ୍ଞାମାଳ । (ଫଟୋ : ସମ୍ବାଦ କଳିକା)

# ରତ୍ନଭଣ୍ଡାର ଖୋଲିବା ନେଇ ମୋତେ କିଛି କୁହାଯାଉନି : ଶଙ୍କରାଚାର୍ଯ୍ୟ

**ପୁରୀ, ୬/୭ ନ୍ୟୁଜ ବ୍ୟୁରୋ**

ରବିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ହେଲେ ଇତିମଧ୍ୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର କେବେ ଖୋଲିବ ସେନେଇ ଚୂଡାନ୍ତ ନିଷ୍ପତ୍ତି ହୋଇପାରିନି । ଏହି ପରିପ୍ରେକ୍ଷୀରେ ଶନିବାର ନୂଆ ରତ୍ନଭଣ୍ଡାର ଯାଞ୍ଚ କମିଟିର ପ୍ରଥମ ବୈଠକ ବସିଥିଲା। ଏହାରି ମଧ୍ୟରେ ରତ୍ନଭଣ୍ଡାର ଖୋଲିବାକୁ ନେଇ ବଡ ବୟାନ ଦେଇଛନ୍ତି ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ । ଏହି ପ୍ରସଙ୍ଗରେ ତାଙ୍କୁ କେହି କିଛି ପଚାରି ନଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି ଜଗତଗୁରୁ ଶଙ୍କରାଚାର୍ଯ୍ୟ । ରବିବାର ରଥଯାତ୍ରା ଥିବାରୁ ଶନିବାର ପୁରୀକୁ ଫେରିଛନ୍ତି ଶଙ୍କରାଚାର୍ଯ୍ୟ । ୪ ମାସ ହେବ ସେ ବାହାରେ ଥିଲେ । ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ରତ୍ନଭଣ୍ଡାର ପ୍ରସଙ୍ଗରେ ଗଣମାଧ୍ୟମର ପ୍ରଶ୍ନରେ ସେ କହିଛନ୍ତି, "ଯେକୌଣସି ପଦକ୍ଷେପ ନେବା ପୂର୍ବରୁ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ କରିବା ପାଇଁ ସୁପ୍ରିମକୋର୍ଟଙ୍କ ରାୟ ଅଛି । ହେଲେ ମୋ ଉପସ୍ଥିତିରେ କିଛି ବୈଠକ ହେଉନାହିଁ କିମ୍ବା ମୋତେ କୌଣସି ସୂଚନା ଦିଆଯାଉ ନାହିଁ। ତା'ହେଲେ ମୁଁ କେମିତି ପରାମର୍ଶ ଦେବି। ଜଗନ୍ନାଥ ମନ୍ଦିରକୁ ଧାର୍ମିକ ଏବଂ ଆଧ୍ୟାତ୍ମିକ ମାର୍ଗ ଦର୍ଶନ ପ୍ରାପ୍ତ ହେଉ ବୋଲି ଶାସନତନ୍ତ୍ରକୁ ଜ୍ଞାନ ନାହିଁ । ତେଣୁ ରତ୍ନଭଣ୍ଡାର ଖୋଲିବା ନେଇ ମୁଁ କିଛି ଜାଣି ନାହିଁ, ମୁଁ କିଛି କହିପାରିବି ନାହିଁ । କାହିଁକି କମିଟି



ଗଠନ ହୋଇଛି ମୋତେ କିଛି ଜଣାନାହିଁ ।'' ଶ୍ରୀମନ୍ଦିର ରତ୍ନଭଣ୍ଡାର ଦୀର୍ଘ ଦିନ ହେଲା ରାଜ୍ୟରେ ଚର୍ଚ୍ଚିତ ପ୍ରସଙ୍ଗ ହୋଇରହିଛି। ଏବେ ସରକାର ପରିବର୍ତ୍ତନ ପରେ ନୂଆ ବିଜେପି ସରକାର ଏନେଇ ଏକ ନୂଆ ୧୬ ଜଣିଆ ଯାଞ୍ଚ କମିଟି ଗଠନ କରିଛନ୍ତି। ପୂର୍ବତନ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିର ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରେ ବୈଠକ ବସିଥିଲା।



ଭୁବନେଶ୍ୱର : ଓଡ଼ିଶା ଗସ୍ତରେ ଆସିଥିବା ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ବିଜୁ ପଟ୍ଟନାୟକ ବିମାନବନ୍ଦର ଠାରେ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)

# ବଡ଼ଦାଣ୍ଡ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

**ପୁରୀ, ୬/୭ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ପୁରୀ ବଡ଼ ଦାଣ୍ଡରେ ରଥ ଯାତ୍ରା ଅବ୍ୟବହିତ ପୂର୍ବରୁ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତଙ୍କୁ ସ୍ୱଚ୍ଛତା ଓ ପରିଚ୍ଛନ୍ନତାର ବାର୍ତ୍ତା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଝାଡୁ ଧରି ବଡ଼ ଦାଣ୍ଡ ଉପରୁ ଅଳିଆ ସଫା କରିଥିଲେ। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ୍, ସାଂସଦ ଓ ବିଧାୟକମାନେ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ବଡ଼ଦାଣ୍ଡରେ ରଥ ଯିବାର ପୂର୍ବଦିନ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ସମସ୍ତଙ୍କୁ ସଚେତନ କରିବାରେ ଏକ ବଡ଼ ଉଦାହରଣ। ଏହି ଅବସରରେ ସମସ୍ତେ ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ସହିତ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ମୁଖ୍ୟମନ୍ତ୍ରୀ ଜନ ସାଧାରଣଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ଯୋଗ ଦେଇଥିଲେ।



# ଦ୍ୱିତୀୟ ଶ୍ରୀକ୍ଷେତ୍ର ଘୋଷଯାତ୍ରାରେ ସାମିଲ ହେବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

**ବାରିପଦା, ୬/୭ ନ୍ୟୁଜ ବ୍ୟୁଜ**

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧ ବାରିପଦା ଶ୍ରୀ ଶ୍ରୀ ହାରିବଳଦେବଜୀଉ ବିଜେ ମହାପ୍ରଭୁଙ୍କର ପବିତ୍ର ଘୋଷଯାତ୍ରା ୨୦୨୪ରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମା'ସୁଭଦ୍ରାଙ୍କ ରଥ ଟଣା ପର୍ବରେ ସାମିଲ ହେବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିବର୍ଷ ପ୍ରଚଳିତ କାର୍ଯ୍ୟସୂଚୀ ଅନୁସାରେ ପହଣ୍ଡି ପରଦିନ ବାରିପଦାରେ ରଥ ଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଏହି ପରିପ୍ରେକ୍ଷୀରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବାରିପଦାରେ ପହଞ୍ଚି ଅପରାହ୍ନରେ ମା'ସୁଭଦ୍ରାଙ୍କ ରଥ ଟଣା କାର୍ଯ୍ୟକ୍ରମରେ ସାମିଲ ହେବେ। ସୂଚନା ଥାଉକି ଚଳିତ ବର୍ଷ ବାରିପଦା ରଥଯାତ୍ରାରେ ମା'ସୁଭଦ୍ରାଙ୍କ ରଥ ଟଣା ନୀତିକୁ ୫୦ ବର୍ଷ ସମ୍ପୂର୍ଣ୍ଣ ହେଉଛି।

# ସ୍ୱାମୀ ହତ୍ୟା ମାମଲାରୁ ପତ୍ନୀ ନିର୍ଦ୍ଦୋଷରେ ଖଲାସ

**କଟକ, ୬/୭ ନ୍ୟୁଜ ବ୍ୟୁରୋ**

ସ୍ୱାମୀ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ ସ୍ତ୍ରୀ । ଏବେ ଜେଲ୍‌ରୁ ମୁକୁଳିବା ବାଟ ଫିଟିଲା । ସ୍ୱାମୀଙ୍କ ହତ୍ୟା ମାମଲାରେ ତଳ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିଲେ ପତ୍ନୀ ସୁନୀତା ମୁଣ୍ଡାରୀ। ଏବେ ହାଇକୋର୍ଟଙ୍କ ରାୟ ତାଙ୍କୁ ଆଶ୍ୱସ୍ତି ଆଣିଦେଇଛି । ସ୍ୱାମୀକୁ ହତ୍ୟା ମାମଲାରେ ଗତ ୨୦୨୨, ଡିସେମ୍ବର ୨୦ରେ ସୁନ୍ଦରଗଡ ଜିଲ୍ଲାର ସୁନୀତାଙ୍କୁ ଆଇପିସିର ଦଫା ୩୦୨ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ରାଉରକେଲା ଅତିରିକ୍ତ ଦୌରାଜଜ କୋର୍ଟ । ତେବେ ତଳ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସୁନୀତା । କୋର୍ଟ ଏହି ମାମଲାକୁ ଅତି ଗୁରୁତ୍ୱର ସହ ବିଚାର କରି ତଳ କୋର୍ଟଙ୍କ ରାୟକୁ ରଦ୍ଦ କରିଦେଇଛନ୍ତି। ଫଳରେ ସୁନୀତାଙ୍କୁ ଜେଲ୍‌ରୁ ମୁକୁଳିବା ବାଟ ଫିଟିଛି ।

## ବିଧାନସଭା ପରିସରରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି

# ସତ୍ୟବାଦୀ ବନବିଦ୍ୟାଳୟ ପାଇଁ ଗୋପବନ୍ଧୁ ଚିର ସ୍ମରଣୀୟ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୬/୭ ନ୍ୟୁଜ ବ୍ୟୁରୋ**



ଶନିବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡ଼ିଶା ବିଧାନସଭା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପଣ୍ଡିତ ଗୋପବନ୍ଧୁ ଏକା ଧାରାରେ ଜଣେ ଦେଶସେବକ, ଜନ ନାୟକ, ସ୍ୱାଧୀନତା ସଂଗ୍ରାମୀ, କବି, ଲେଖକ ଓ ଆଦର୍ଶ ଶିକ୍ଷକ ଥିଲେ। ସତ୍ୟବାଦୀରେ ପ୍ରତିଷ୍ଠିତ ମଣିଷ ତିଆରି କାରଖାନା ସତ୍ୟବାଦୀ ବନବିଦ୍ୟାଳୟ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ । ଗୋପବନ୍ଧୁ ଓଡ଼ିଆ ନବଯୁଗର ପ୍ରବର୍ତ୍ତକ ଥିଲେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଓଡ଼ିଆ ଭାଷା ସାହିତ୍ୟର ପ୍ରତିଷ୍ଠା ପାଇଁ ତାଙ୍କ ଉଦ୍ୟମ ଚିର ସ୍ମରଣୀୟ। ଉତ୍କଳମଣି ଗୋପବନ୍ଧୁ ବାସ୍ତବିକ୍ ଥିଲେ ଯୁଗପୁରୁଷ, ପୂଣ୍ୟଶ୍ଳୋକ ଓ ଦୀନବନ୍ଧୁ ବୋଲି କହି ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶାବାସୀଙ୍କୁ ସାହାଯ୍ୟ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ "ଏକ ପେଡ୍ ମା କେ ନାମ୍" ଅଭିଯାନରେ ବିଧାନସଭା ପରିସରରେ ଏକ ରୁଦ୍ରାକ୍ଷ ଚାରା ରୋପଣ କରିଥଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପ ମୁଖ୍ୟମନ୍ତ୍ରୀ, ବାଚସ୍ପତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଭୁବନେଶ୍ୱରରେ ଆରମ୍ଭ ହେଲା ଦିବ୍ୟ କଳା ମେଳା

# ସମାବେଶୀ ବିକାଶ ଓ ଏକ ସଶକ୍ତ ସମାଜ ଗଠନ କରାଯିବ : କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୬/୭ ନ୍ୟୁଜ ବ୍ୟୁରୋ**



କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ର ମନ୍ତ୍ରୀ ବି.ଏଲ ବର୍ମାଙ୍କ ଦ୍ୱାରା ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଦିବ୍ୟ କଳା ମେଳା ଓ ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି । ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜାତୀୟ ଭିନ୍ନକ୍ଷମ ଅର୍ଥ ଓ ଉନ୍ନୟନ ନିଗମ ସହଯୋଗରେ ଦିବ୍ୟାଙ୍ଗ ଉଦ୍ୟୋଗୀ, କାରିଗର ଓ ଶିଳ୍ପୀଙ୍କ ପ୍ରତିଭା ଓ କାରିଗରୀ କୌଶଳକୁ ସମ୍ମାନ ଜଣାଇ ଦିବ୍ୟ କଳା ମେଳା ଆୟୋଜନ କରାଯାଉଛି । ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜୁଲାଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବି.ଏଲ ବର୍ମା କହିଛନ୍ତି, 'ଆଜି ଆମେ ସାମର୍ଥ୍ୟ ପ୍ରଦର୍ଶନ କରୁଛୁ । ଦିବ୍ୟ କଳା ମେଳାରେ ଅଂଶଗ୍ରହଣ କରୁଥିବା ଦିବ୍ୟାଙ୍ଗ ଭାଇ ଭଉଣୀ ସେମାନଙ୍କର ଅନନ୍ୟ ଏବଂ ମୂଲ୍ୟବାନ ଦକ୍ଷତା, ପ୍ରତିଭା ଏବଂ ଉଦ୍ୟମିତା ଜରିଆରେ ସୀମାତିତ ପ୍ରଦର୍ଶନ କରୁଛନ୍ତି । ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ସଙ୍ଗୀତ, ନୃତ୍ୟ ଏବଂ ଅଭିବ୍ୟକ୍ତିରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କେବଳ ଆମର ମନୋରଞ୍ଜନ କରୁନାହିଁ ବରଂ ଆମକୁ ସେମାନଙ୍କର ଉତ୍ସାହ ଓ ସମର୍ପଣ ଦ୍ୱାରା ପ୍ରେରଣା ଦେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିବ୍ୟାଙ୍ଗ ଜନଙ୍କ ସହିତ ସର୍ବଦା ଭାବପ୍ରବଣପୂର୍ଣ୍ଣ ସମ୍ପର୍କ ରଖିଛନ୍ତି । ତାଙ୍କର ଲକ୍ଷ୍ୟ ହେଉଛି ଦେଶର ସାମଗ୍ରିକ ସଶକ୍ତୀକରଣ ପାଇଁ ସମାଜର ପ୍ରତ୍ୟେକ ବର୍ଗର ସଶକ୍ତୀକରଣ ଜରୁରୀ ବୋଲି ବିଶ୍ୱାସ କରି ସେମାନଙ୍କୁ ସଶକ୍ତ କରିବା। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଅଧୀନରେ ଆମ ସରକାର ଦିବ୍ୟାଙ୍ଗଙ୍କୁ ଉପକୃତ କରିବା ପାଇଁ ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି । ପ୍ରଥମ ଥର ଓଡ଼ିଶାରେ ଏହି ଦିବ୍ୟ କଳା ମେଳା ଓ ନିଯୁକ୍ତି ମେଳା ଆୟୋଜନ ହୋଇଛି। ସମାବେଶୀ ବିକାଶ ଓ ଏକ ସଶକ୍ତ ସମାଜ ଗଠନ କରିବା ଲାଗି ଏସବୁ ପ୍ରତିଭା ସମ୍ପନ୍ନ ଉଦ୍ୟୋଗୀଙ୍କୁ ସ୍ୱାଗତ କରିବା, ପ୍ରଶଂସା କରିବା ଓ ସମ୍ମାନିତ କରିବା ଆମର କର୍ତ୍ତବ୍ୟ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ସେହିପରି ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପ ମହାନିର୍ଦ୍ଦେଶକ କିଶୋର ବି. ସୁରୱଡ଼େ କହିଛନ୍ତି ଯେ, ଆମର ଉଦ୍ଦେଶ୍ୟ ହେଉଛି ଏକ ସମାବେଶୀ ସମାଜ ଗଠନ କରିବା । ଯେଉଁଠାରେ ଆମ ଦେଶର ଦିବ୍ୟାଙ୍ଗ ବ୍ୟକ୍ତିମାନେ ସେମାନଙ୍କ ବିକାଶ ପାଇଁ ସମାନ ସୁଯୋଗ ପାଇବେ । ସେମାନଙ୍କର ଶାରୀରିକ, ସାମାଜିକ, ଶିକ୍ଷାଗତ ଓ ଆର୍ଥିକ ସଶକ୍ତୀକରଣ ହୋଇପାରିବ । ଯାହା ଦ୍ୱାରା ସେମାନେ ଉତ୍ପାଦକ, ନିରାପଦ ଏବଂ ସମ୍ମାନଜନକ ଜୀବନ ଯାପନ କରିପାରିବେ ।

ଏସଭିନିର୍ତାର ନିର୍ଦ୍ଦେଶକ ଡାକ୍ତର ପି.ପି ମହାନ୍ତି କହିଛନ୍ତି, 'ସାରା ଦେଶର ଦିବ୍ୟାଙ୍ଗ ଉଦ୍ୟୋଗୀ ଓ ଶିଳ୍ପୀଙ୍କ ପ୍ରତିଭା ଏବଂ କାରିଗରୀକୁ ପ୍ରଦର୍ଶିତ କରୁଥିବା ଏହା ଏକ ଅଭିନବ କାର୍ଯ୍ୟକ୍ରମ । ମେଳାରେ ପ୍ରାୟ ୧୯୦ ଜଣ ଦିବ୍ୟାଙ୍ଗ ଶିଳ୍ପୀ, କାରୀଗର ଓ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ଉତ୍କୃଷ୍ଟ ଉତ୍ପାଦ ଏହି ମେଳାରେ ପ୍ରଦର୍ଶିତ ହୋଇଛି । ପୂର୍ବ ଭାରତର ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଏବଂ ଓଡ଼ିଶା ଭଳି ୬ଟି ରାଜ୍ୟରେ ଦିବ୍ୟାଙ୍ଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଭୋକାଲ ଫର ଲୋକାଲ ଅଭିଯାନକୁ ପ୍ରୋତ୍ସାହିତ କରୁଛି । ଯାହା ଦ୍ୱାରା ଆଗନ୍ତୁକମାନେ ଦିବ୍ୟାଙ୍ଗ କାରିଗରମାନଙ୍କ ଦ୍ୱାରା ଅତ୍ୟନ୍ତ ଦୃଢ଼ ସମର୍ପଣ ସହ ନିର୍ମିତ ଅଭିନବ ଜିନିଷ କିଣିପାରିବେ' ।

